

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୪ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 November 2025

Vol.No. 36 ■ No.299 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ନୀଳଗିରିରେ ଏକତା ପଦଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

## ସମୃଦ୍ଧ ଓଡିଶା ନିର୍ମାଣ ଗଠନରେ ଯୁବଗୋଷ୍ଠୀଙ୍କୁ ନେତୃତ୍ୱ ନେବାକୁ ଆହ୍ୱାନ

ନୀଳଗିରି , ୧୩/୧୧ (ନି.ପ୍ର): ସମଗ୍ର ଭାରତବର୍ଷକୁ ଏକତାର ସୂତ୍ରରେ ବାନ୍ଧି ଏକ ବିକଶିତଭାରତ ଗଠନକରିବାର ମୁଖ୍ୟବିନ୍ଧାଣୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ଏକତାବର୍ଷ ପାଳନ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ଏକତା ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ନୀଳଗିରି ଠାରୁ ମିତ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୧୦କି. ମି ରାସ୍ତାରେ ଆୟୋଜିତ ପଦଯାତ୍ରା(ରନ୍ ଫର୍ ୟୁନିଟ)ରେ ସହସ୍ରାଧିକ ଛାତ୍ରଛାତ୍ରୀ, ଯୁବକ ଯୁବତୀ, ସାଧାରଣଜନତା, ସରକାରୀ ଅଧିକାରୀ ସାମିଲ ହୋଇଥିଲେ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଝାଙ୍କି, ନୃତ୍ୟ, ସଙ୍ଗୀତ, ଜାତୀୟସଙ୍ଗୀତ ଗାନ କରାଯାଉଥିବା ଦେଖିବାକୁ ମିଳିଥିବା ବେଳେ ୧୦୦ଫୁଟ ଲମ୍ବର ତ୍ରିରଙ୍ଗାପତାକା ଛାତ୍ରଛାତ୍ରୀ ମାନେ ଧରି ଯାଉଥିବା ଦେଖିବାକୁ ମିଳିଥିଲା। ପଦଯାତ୍ରାର ୪ଟି ସ୍ଥାନରେ ପଦଯାତ୍ରୀଙ୍କ ପାଇଁ ସଭାମଞ୍ଚ କରାଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା।ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ହେଲିପ୍ୟାଡରେ



ଅବତରଣ କଲାପରେ କଡ଼ାସୁରକ୍ଷା ମଧ୍ୟରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଦର୍ଶନକରି ଆଶିଷ ଭିକ୍ଷା କରିଥିଲେ। ପରେ ନୀଳଗିରି ପୋଲିସ ପଡିଆଯାଇ ସଭାରେ ସାମିଲ ହୋଇଥିଲେ। ପ୍ରଥମେ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ମାଟିର ସୁପୁତ ମାନଙ୍କର ଫଟୋଚିତ୍ର ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲିଦେଖିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରି କହିଥିଲେ ଯେ ବିଭାଜିତ ସ୍ୱାଧୀନ ଭାରତରେ ଦେଶୀୟରାଜ୍ୟ ଗୁଡ଼ିକୁ ମିଶ୍ରଣକରି ▶▶ପୃଷ୍ଠା ୭

# କ୍ରାଇମବ୍ରାଂଚଠୁ ଦସ୍ତାବିଜ ନେଲା ସିବିଆଇ

## ଏଫଆଇଆରରେ ନାହିଁ ଓପିଆରବି-ଆଇଟିଆଇ ନାଁ, ଚୁକ୍ତି ଏବେବି କାଏମ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାର ତଦନ୍ତ ଭାର ସିବିଆଇ ନେଇଛି । ନଭେମ୍ବର ୧୨ତାରିଖରେ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସ ପକ୍ଷରୁ ଏକ ଏଫଆଇଆର ରୁଜୁ ହୋଇଛି । ବ୍ରହ୍ମପୁରର ଗୋଳନ୍ଥରା ଥାନାରେ ସେପ୍ଟେମ୍ବର ୩୦ ତାରିଖ ଓ କ୍ରାଇମବ୍ରାଂଚରେ ଅକ୍ଟୋବର ୧ତାରିଖରେ ରୁଜୁ ହୋଇଥିବା ଏଫଆଇଆରକୁ ସିବିଆଇ ସାନି ଏଫଆଇଆର ଭାବେ ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୂର୍ବରୁ ଗୃହ ବିଭାଗରୁ ଦସ୍ତାବିଜ ନେଇଥିବା ସିବିଆଇ ଆଜି କ୍ରାଇମବ୍ରାଂଚଠୁ ଦସ୍ତାବିଜ ସଂଗ୍ରହ କରିଛି । ତେବେ ସିବିଆଇ ନିଜର ଏଫଆଇଆରରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) କିମ୍ବା ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଇଟିଆଇ ଲିମିଟେଡର




ନାଁ ଉଲ୍ଲେଖ କରିନାହିଁ । ଦୀର୍ଘ ଏକମାସ ପରେ ମଧ୍ୟ ଆଇଟିଆଇ ସହ ହୋଇଥିବା ଚୁକ୍ତିକୁ ଓଡ଼ିଶା ପୁଲିସ ରଦ୍ଦ କରିନାହିଁ । ଯଦିଓ ବୁଧବାର ବିବାଦୀୟ ଏଜେନ୍ସୀ ଦ୍ୱାରା ପରୀକ୍ଷା ପରିଚାଳନା ହୋଇଥିବା ଦର୍ଶାଇ ନିଜର ଏଏସଓ ପରୀକ୍ଷାକୁ ଓଡ଼ିଶା ହାଇକୋର୍ଟ ବାତିଲ କରିଦେଇଛନ୍ତି ।ଓଡ଼ିଶା ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଅନିୟମିତତା ମାମଲାରେ ଓଡ଼ିଶା ସରକାରଙ୍କ ଅକ୍ଟୋବର ୩୧ତାରିଖର ବିଜ୍ଞପ୍ତି ଓ କେନ୍ଦ୍ର ସରକାରଙ୍କ ନଭେମ୍ବର ୧୧ତାରିଖର ▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ପୁଲିସ ବାବୁ

ଭୁବନେଶ୍ୱର, ୧୩। ୧୧(ତ୍ରିନାଥ ମହାନ୍ତି): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲିଅନ୍ତା ଥାନା ଏଏସଆଇ ସୋମନାଥ ପଲେଇ। ଏକ ପାରିବାରିକ ବିବାଦର ସମାଧାନ ପାଇଁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଏଏସଆଇ ସୋମନାଥ ଭିଜିଲାନ୍ସ ହାବୁଡ଼ରେ ପଡିଛନ୍ତି। ଭିଜିଲାନ୍ସର ଏକ ଟିମ୍ ସୋମନାଥଙ୍କୁ ପଚରାଚଉରା କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି।

# ଏଜି ଛକରୁ ହଟିବ ଟ୍ରାଫିକ ପୋଷ୍ଟ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଭୁବନେଶ୍ୱର ଏଜି ଛକରୁ ଟ୍ରାଫିକ ପୋଷ୍ଟ ହଟାଯିବ। ଏଜି ଛକରେ ୨ ଥାକିଆ ରାସ୍ତା ତିଆରି ହେବ। ମାଟି ତଳେ ଓ ମାଟି ଉପରେ ୨ ଥାକିଆ ରାସ୍ତା ନିର୍ମାଣ ହେବ। ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ଦୂର ପାଇଁ ଅଧିକ ରାସ୍ତା ନିର୍ମାଣ ହେବାକୁ ଯୋଜନା କରାଯାଇଛି। ୨୦ଟି ନୂଆ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଯୋଜନା କରିଛି ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏହା ସହ କଳ୍ପନା, ଖଣ୍ଡଗିରି ଓ ଜୟଦେବ ବିହାର ରୁ ନାଲକୋ ଏଲିଭେଟେଡ କରିଡ଼ର ପାଇଁ ପୂର୍ତ୍ତ ବିଭାଗ ଯୋଜନା କରିଛି। ପ୍ରାରମ୍ଭିକ ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ସମୀକ୍ଷା କରିଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେହିପରି ଓବିସିସିର ସମସ୍ତ କାର୍ଯ୍ୟ ପେପର ଲେସ କରାଯିବ। ସମୀକ୍ଷା ବୈଠକରେ ପୁରୀର ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ନେଇ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ୨୦ରୁ ଆରମ୍ଭ ହେବ ଖରିଫ ଧାନ କିଣା



ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ଖରିଫ ଧାନ କିଣା। ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆସନ୍ତା ୨୦ ତାରିଖରେ ବରଗଡ଼ ଜିଲ୍ଲାରୁ ଧାନ କିଣା ଆରମ୍ଭ ହେବ। ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି। ଦୁଇ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ପାଇଁ ନିଷ୍ପତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ହେବ ଏବଂ ଏଥିପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ବଳସାମନ୍ତ।

# ଆଜି ଖୋଲିବ ଇଭିଏମରେ ସିଲ୍ ଥିବା ପ୍ରାର୍ଥୀଙ୍କ ଭାଗ୍ୟ





ବିହାର/ ନୂଆପଡ଼ା, ୧୩/୧୧ (ନି.ପ୍ର): ଆସନ୍ତାକାଲି ନୂଆପଡ଼ା ଉପନିର୍ବାଚନର ଭୋଟ ଗଣତି ହେବ । ଏନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଭୋଟ ଗ୍ରହଣ ଓ ଗଣନା ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ସୁସ୍ଥ ଓ ପାରଦର୍ଶୀ ଭାବରେ ଆୟୋଜନ କରିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ। ଆସନ୍ତା କାଲି ଭୋଟ ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମୋଟ ୧୪ ଗୋଟି ଟେବୁଲ୍ ରହିଥିବା ବେଳେ ୨୬ ରାଉଣ୍ଡ ଗଣତି ହେବ । ଗୋଟିଏ କେନ୍ଦ୍ର ଟେବୁଲ୍ ରହିଛି । ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ ବାଲଟ୍ ଗଣତି, ଅଧା ଘଣ୍ଟା ପରେ ଇଭିଏମ ଗଣତି ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ପ୍ରତ୍ୟେକ ଟେବୁଲ୍ ରେ ଜଣେ ଗଣତି ସହକାରୀ ଅଧିକାରୀ, ଗଣତି ସୁପରଭାଇଜର ଏବଂ ମାଇକ୍ରୋ ଅବଜର୍ଭର ନିୟୋଜିତ ରହିବେ। ସେହିପରି ଗଣତି ଅବଜର୍ଭର ଏବଂ ରିଟର୍ଣ୍ଣିଙ୍ଗ ଅଧିକାରୀ ରହିବେ। ଜନସାଧାରଣଙ୍କ ପାଇଁ ମଧ୍ୟ ଡ଼ାକବାଜି ସାହାଯ୍ୟରେ ଘୋଷଣା ▶▶ପୃଷ୍ଠା ୭

# ଡିସେମ୍ବର ୬ରେ ଦୋହଲି ଯାଇଥାନ୍ତା ଦିଲ୍ଲୀ: ବାବ୍ରି ମସଜିଦ ଭଙ୍ଗା ପ୍ରତିଶୋଧ ନେଇଥାନ୍ତେ ଆତଙ୍କୀ

ନୂଆଦିଲ୍ଲୀ, ୧୩/୧୧ : ଡିସେମ୍ବର ୬ରେ ଦୋହଲିଯାଇଥାନ୍ତା ଦେଶ। ଭାରତର ରାଜଧାନୀ ଦିଲ୍ଲୀରେ ଆତଙ୍କୀ ଖେଳିଥାନ୍ତେ ରକ୍ତର ହୋଲି। ୬ଟି ସ୍ଥାନରେ କରିଥାନ୍ତେ ଭୟଙ୍କର ସିରିଜ୍ ସିରିଜ ବିସ୍ଫୋରଣ । ଲାଲକିଲ୍ଲା ବ୍ଲାଷ୍ଟ ତଦନ୍ତରେ ଗିରଫ ଆତଙ୍କୀଙ୍କ ମୁହଁରୁ ଏଭଳି ସତ ଉଗାରିଛି ତଦନ୍ତକାରୀ ସଂସ୍ଥା। ବାବ୍ରି ସମଜିଦ ଭଙ୍ଗା ଘଟଣାର ପ୍ରତିଶୋଧ ନେବାକୁ ଜୈଶ୍-ଏ-ମହମ୍ମଦ କରିଥିଲା ସଂଘାତିକ ପ୍ଲାନ୍ । ଅପରେସନରେ ସାମିଲ କରିଥିଲା ୩୨ଟି କାର୍ । ତାରିଖ ୬ । ଟାର୍ଗେଟ ବି ୬ ।



ଡିସେମ୍ବର ୬ରେ ଦୋହଲିଯାଇଥାନ୍ତା ଦିଲ୍ଲୀ । ୬ଟି ସ୍ଥାନରେ ହୋଇଥାନ୍ତା ସିରିଜ୍ ବିସ୍ଫୋରଣ । ବାବ୍ରି ମସଜିଦ୍ ଭଙ୍ଗାର ପ୍ରତିଶୋଧ ନେଇଥାନ୍ତେ ଆତଙ୍କୀ। ଜାନୁଆରୀରୁ ଚାଲିଥିଲା ବଡ଼ ଷଡ଼ଯନ୍ତ୍ର ।୨୦୦ ଅତି ଶକ୍ତିଶାଳୀ ଆଇଇଡି ହୋଇଥିଲା ପ୍ରସ୍ତୁତ । ଦିଲ୍ଲୀ ବିସ୍ଫୋରଣ ମାମଲାରେ ତଦନ୍ତ ଯେତିକି ଆଗଉଛି, ଆତଙ୍କୀଙ୍କ ଖତରନାକ ଯୋଜନାର ଖୁଲାସା ସେତିକି ହେଉଛି। ହୋସ୍ ଉଡ଼ାଇଦେଇଛି ତଦନ୍ତକାରୀ ସଂସ୍ଥା ପାଇଥିବା ଭୟାନକ ତଥ୍ୟ। ୨୦୦୮ ମୁମ୍ବାଇ ୨୬/୧୧ ଆକ୍ରମଣଠାରୁ ବି ▶▶ପୃଷ୍ଠା ୭

# ଅତିଥି ଶିକ୍ଷକ ଓ ଅଧ୍ୟାପକଙ୍କୁ ନେଇ ଚାଲିଛି ଶିକ୍ଷାନୁଷ୍ଠାନ: କ୍ଷୋଭ ପ୍ରକାଶ କଲେ ହାଇକୋର୍ଟ




ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଅତିଥି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ହାଇକୋର୍ଟ । ଏହାଦ୍ୱାରା ଶିକ୍ଷାର ଗୁଣବତ୍ତା ହ୍ରାସ ପାଉଛି ବୋଲି କୋର୍ଟ କହିଛନ୍ତି । ତାଛଡ଼ା ଅତିଥି ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ନେଇ ଆଇନରେ କୌଣସି ବ୍ୟବସ୍ଥା ନାହିଁ । ପୂର୍ବରୁ ରାଜ୍ୟ ସରକାର ଅତିଥି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ନିଷ୍ପତ୍ତିକୁ ରଦ୍ଦ କରି ନିୟମିତ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପଦବୀ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ରାଜ୍ୟରେ ଖାଲିପଡିଛି ୭୩ହଜାର ଶିକ୍ଷକ ଓ ଅଧ୍ୟାପକ ପଦ। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୪ ହଜାରରୁ ଅଧିକ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ହେଲେ ସ୍ଥାୟୀ ନିଯୁକ୍ତି ପରିବର୍ତ୍ତେ ଅତିଥି ଶିକ୍ଷକ ଓ ଅଧ୍ୟାପକଙ୍କୁ ନେଇ ଚାଲିଛି ଶିକ୍ଷାନୁଷ୍ଠାନ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ହାଇକୋର୍ଟ । କୋର୍ଟ କହିଛନ୍ତି, ଶିକ୍ଷା ଅଧିକାର ଆଇନ ଅଧୀନରେ ଅବସରପ୍ରାପ୍ତ ବା ଅତିଥି ଶିକ୍ଷକ ନିଯୁକ୍ତି ନେଇ କୌଣସି ଆଇନ ନାହିଁ । ତେଣୁ ଏଭଳି ନିଯୁକ୍ତି ପ୍ରକ୍ରିୟାକୁ କିଏ ସ୍ୱୀକୃତି ଦେଇଛି ? ବୋଲି ପ୍ରଶ୍ନ କରିଛନ୍ତି ହାଇକୋର୍ଟ । ଆଉ କହିଛନ୍ତି, ଅତିଥି ଶିକ୍ଷକ ବା ଅଧ୍ୟାପକ ନିଯୁକ୍ତି ଦ୍ୱାରା ଶିକ୍ଷା ବ୍ୟବସ୍ଥା ଗତିଶୀଳ ହୋଇପାରିବନି ଏବଂ ଶିକ୍ଷାର ମାନ ହ୍ରାସ ପାଇବ। ନିକଟରେ ଅତିଥି ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାହାକୁ ଆଧାର କରି ହାଇକୋର୍ଟରେ ଏକ ପିଟିସନ ଦାଖଲ ହୋଇଥିଲା । ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ସତ୍ୟପାଠ ଜରିଆରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ଉଚ୍ଚ ନ୍ୟାୟାଳୟ । ହେଲେ ଦାଖଲ ସତ୍ୟପାଠକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ହାଇକୋର୍ଟ । ▶▶ପୃଷ୍ଠା ୭

# ଅଶାନ୍ତ ବାଂଲାଦେଶ: ଢାକାରେ ଲକ୍‌ଡାଉନ୍



## ଆସନ୍ତା ୧୭ ତାରିଖରେ ଆସିବ ଶେଖ ହସିନାଙ୍କ ବିରୋଧରେ ମାମଲାର ରାୟ

ନୂଆଦିଲ୍ଲୀ, ୧୩/୧୧ : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ବିରୋଧରେ ହତ୍ୟା ଓ ମାନବତା ବିରୋଧୀ ଅପରାଧ ମାମଲାରେ ଆଜି ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ୍ ରାୟ ପ୍ରକାଶର ତାରିଖ ଘୋଷଣା କରିଛନ୍ତି । ନଭେମ୍ବର ୧୭ ତାରିଖରେ ହସିନାଙ୍କ ଉପରେ ରାୟ ଦେବେ ଟ୍ରିବ୍ୟୁନାଲ୍ ? । ଘୋଷଣା ପୂର୍ବରୁ ହିଁ ସମଗ୍ର ବାଂଲାଦେଶରେ ରାଜନୈତିକ ଉତ୍ତେଜନା ବଢ଼ିବାରେ ଲାଗିଛି । ଗତ କିଛି ଦିନ ଧରି ରାଜଧାନୀ ଢାକା ଏବଂ ▶▶ପୃଷ୍ଠା ୭

# ଦିଲ୍ଲୀ ଲାଲକିଲ୍ଲା ମୃତକଙ୍କ ପାଇଁ କୁମାର ଉତ୍ସବ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ପୁରୀ,୧୩/୧୧ (ନି.ପ୍ର): ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ଘଟିଯାଇଥିବା ଭୟାବହ ବୋମା ବିସ୍ଫୋରଣରେ ନିରୀହ ନାଗରିକମାନଙ୍କ ମୃତ୍ୟୁ ହୋଇଥିଲା । ଏହି ମୃତକଙ୍କ ସମବେଦନା ଜଣାଇବାକୁ ଯାଇ ଗଭୀର ପୁରୀ କୁମାର ଉତ୍ସବ ସମିତି ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସଂଯୋଜନା କରିଥିଲେ । ଏହି ଆତଙ୍କବାଦୀଙ୍କ କାର୍ଯ୍ୟକୁ ସମିତିର ସଭ୍ୟ ମାନେ ଦୃଢ଼ ନିନ୍ଦା କରିଥିଲେ । କେନ୍ଦ୍ର ସରକାର ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ମୃତକଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଆହତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତି ମାନଙ୍କ ସ୍ୱାସ୍ଥ୍ୟ ଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ସମିତିର ଉପଦେଷ୍ଟା ବିଦ୍ୟୁଲତା ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ମାନସ ପଟ୍ଟନାୟକ,ବିକାଶ ଦତ୍ତ, ମଳୟ ଗଜେନ୍ଦ୍ର,ଅମରେନ୍ଦ୍ର ପାଇକରାୟ, ପ୍ରମୋଦ ପଟ୍ଟନାୟକ, ନିଗମ ପାତ୍ର, ରାଜା ମହାନ୍ତି, ରଶ୍ମିକାନ୍ତ ସେଠି,ବନିତା ଦୀକ୍ଷିତ, ଚକ୍ରଧର ମହାପାତ୍ର,ପପୀ ସାହୁ, ଚନ୍ଦନ କୁମାର ସାହୁ, ଅନୁପ ପୃଷ୍ଟୀ, ଅୟମ ପରିଡ଼ା, ଅମ୍ରିତ କୁମାର ସାମନ୍ତରାୟ, ପ୍ରତିମା ମହାପାତ୍ର, ତ୍ରିଲୋଚନ ପାଢ଼ୀ, ବିରଂଚି ନାରାୟଣ ଷଡଙ୍ଗୀ, ରେଶମା ରଣା, ସନ୍ତୋଷ ମହାନ୍ତି, ଅସୀମା ରାଉଳ, ସନ୍ଧ୍ୟା ରାଣୀ ସାହୁ, ସନ୍ତୋଷିନୀ ନାୟକ, ସୌମ୍ୟା ରଞ୍ଜନ ନାୟକ,ନୀରଜ ମହାନ୍ତି, ଗୌରୀ ଶଙ୍କର ସାମନ୍ତରାୟ, କ୍ଷୀରୋଦ ଦାଶ, ରମେଶ କୁମାର ମିଶ୍ର, ପ୍ରତ୍ୟୁଷ ଜୟସିଂହ, ଚନ୍ଦ୍ର ଶେଖର ଓମପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# କିଡନୀ ରୋଗୀଙ୍କୁ କ୍ରେଡିଟ କୋ ଅପରେଟିଭ ସୋସାଇଟ ପକ୍ଷରୁ ସହାୟତା

କେନ୍ଦ୍ରାପଡା,୧୩/୧୧ (ନି.ପ୍ର): କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି (କେସିସିଏଲ) ସହର ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ଇଚ୍ଛାପୁରର କମାରଖଣ୍ଡି ଗ୍ରାମ ନିବାସୀ ସ୍ୱର୍ଗତ ଶଙ୍କର୍ଷଣ ବେହେରାଙ୍କ ଏକମାତ୍ର ପୁତ୍ର କିଡ଼ନୀ ରୋଗରେ ପୀଡ଼ିତ ପ୍ରଦୀପ ବେହେରା(୩୫)ଙ୍କୁ ଅଧିକ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସୋସାଇଟିର ସଭାପତି ସମବାୟବିତ୍ତ ପ୍ରମୋଦ ପ୍ରମୋଦ କୁମାର ସାହୁ ପ୍ରଦୀପଙ୍କ ବାସଭବନରେ ପହଂଚି ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହାସହ ସରକାରୀ ସ୍ତରରେ ପ୍ରଦୀପଙ୍କ ଚିକିତ୍ସା ପାଇଁ କିପରି ଅଧିକ ସହାୟତା ମିଳି ପାରିବ ସେ ନେଇ ଶ୍ରୀ ସାହୁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ଶ୍ରୀ ସାହୁ କହିଥିଲେ ସମଗ୍ର କେନ୍ଦ୍ରାପଡ଼ା ଜିଲାରେ ଭୂତଳ ଜଳ ସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି । ଏହାସହ ଭୂତଳ ଜଳ ପ୍ରଦୂଷିତ ହେଉଛି । ଏହି ଜଳକୁ ପାନୀୟ ଭାବେ ବ୍ୟବହାର କରୁଥିବାରୁ ଜିଲ୍ଲାରେ କିଡ଼ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏ ନେଇ ସରକାରୀ ସ୍ତରରେ ବିଶେଷଜ୍ଞ କମିଟି ଗଠନ କରାଯାଇ ଏହାର କାରଣ ଓ ନିରାକରଣ ପାଇଁ ପଦକ୍ଷେପ ନିଆଯିବା ଉଚିତ । ଫଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ପାଇପାରିବେ ଓ କିଡ଼ନୀ ରୋଗରୁ ଦୂରେଇ ରହିପାରିବେ । ଏହି ଆର୍ଥିକ ସହାୟତା ପ୍ରଦାନ ବେଳେ ସମିତିର ସମ୍ପାଦକ ଶ୍ରୀ ଅରବିନ୍ଦ ସାହୁ, ସହର ଶାଖା ପରିଚାଳକ ଅଂଶୁମାନ ଚୌଧୁରୀ ଏବଂ ଦୈନିକ ଜମା ସଂଗ୍ରହକାରୀ ସର୍ବଶ୍ରୀ ପ୍ରଦୀପ ବେହେରା, ସନ୍ତୋଷ ସାହୁ, ଶ୍ରୀକାନ୍ତ ଦାଶ ଏବଂ ପ୍ରଶାନ୍ତ ରାଉତରାୟଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ । କିଡ଼ନୀ ରୋଗୀ ପ୍ରଦୀପଙ୍କ ବିଧବା ମା ବାସନ୍ତୀ ବେହେରା (୭୦) ଙ୍କ ଛଡା ପତ୍ନୀ ମମତାମୟୀ ବେହେରା (୨୮) ଏବଂ ଦୁଇଟି ଛୋଟ ପୁଅ ରହିଛନ୍ତି । ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ପରିବାରର ଗୁଜୁରାଣ କିପରି ମେଣ୍ଟିବ ସେ ନେଇ ପ୍ରଦୀପ ଚିନ୍ତାରେ । ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେବାଯୋଗୁ ସ୍ୱାସ୍ଥ୍ୟ କାର୍ଡ ପାଣ୍ଠି ଶେଷ ହୋଇଯାଇଛି । ତାଙ୍କର ଦୁଇଟି କିଡ଼ନୀ ନଷ୍ଟ ହୋଇଯାଇଥିବାରୁ ଅନ୍ତତଃ ଗୋଟିଏ କିଡ଼ନୀ ପ୍ରତିରୋପଣ ପାଇଁ ୧୦ ରୁ ୧୫ ଲକ୍ଷ ଟଙ୍କା ଆବଶ୍ୟକ । ପ୍ରଦୀପଙ୍କ ଚିକିତ୍ସା ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇଦେବା ଜରୁରୀ ହୋଇପଡିଛି । ଏ କ୍ଷେତ୍ରରେ ସାଂସଦ ବୈଜୟନ୍ତ ପଣ୍ଡା ଓ ସ୍ଥାନୀୟ ବିଧାୟକ ଗଣେଶ୍ୱର ବେହେରା ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ସ୍ଥାନୀୟ ଜନସାଧାରଣ ଅନୁରୋଧ କରିଛନ୍ତି । ଉଲ୍ଲେଖ ଥାଉକି କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ସଦା ସର୍ବଦା ବ୍ୟବସାୟ ଛଡା ସାମାଜିକ ଦିଗରେ କାର୍ଯ୍ୟ କରୁଛି । ଏହି ସମିତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନ ମାନଙ୍କୁ ରିଲିଫ ସହାୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥାଏ । ସେହିଭଳି ଗରିବ ଓ ଅସହାୟ ରୋଗୀମାନଙ୍କୁ ଚିକିତ୍ସା ସହାୟତା ଦେବା ସଙ୍ଗେ ସଙ୍ଗେ ଜାତୀୟ ଓ ଅନ୍ତର୍ଜାତୀୟ ଓ ରାଜ୍ୟ ସ୍ତରରେ କୃତୀ ଖେଳାଳୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରୋତ୍ସାହନ ଦେଇଥାଏ ।

# ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା ଶସ୍ୟ କାଟ ପରୀକ୍ଷଣ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

କେନ୍ଦୁଝର,୧୩/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଦରବାର୍ ହଲରେ ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ ତା.୧୧.୧୧.୨୦୨୫ରେ ଆନନ୍ଦପୁର, ବାଂସପାଳ, ଚମ୍ପୁଆ , ଝୁମ୍ପୁରା, ଯୋଡା, ହରିଚନ୍ଦନପୁର, ତେଲକୋଇ ବ୍ଲକ ଏବଂ ତହସିଲର ୯୫ ଜଣ ,ଦ୍ୱିତୀୟ ତଥା ଶେଷ ଦିନ: ତା. ୧୨.୧୧.୨୦୨୫ରେ ଘଟଗାଁ, ଘଷିପୁରା, ହାଟଡିହି , କେନ୍ଦୁଝର ସଦର ,ପାଟଣା ଓ ସାହରପଡା ବ୍ଲକ ଏବଂ ତହସିଲର ୯୫ ଜଣ , ଏହିପରି ସର୍ବମୋଟ ୧୯୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି ।ଏହି ତାଲିମ କର୍ଯ୍ୟରେ ଶସ୍ୟ କାଟ ପରୀକ୍ଷା ନିମନ୍ତେ ନିୟୋଜିତ ହେଉଥିବା ଜିଲ୍ଲାର ସମସ୍ତ ତହସିଲର ସଂପୃକ୍ତ ୫୯ ଜଣ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସମସ୍ତ ବ୍ଲକର ସଂପୃକ୍ତ ୧୦୨ ଜଣ କୃଷି ଓଭରସିୟର, ଭିଏଡବ୍ଲୁ ଏବଂ ସମସ୍ତ ବ୍ଲକର ୨୯ ଜଣ ବରିଷ୍ଠ ପରିସଂଖ୍ୟାନ କ୍ଷେତ୍ର ନୀରୀକ୍ଷକ, ପରିସଂଖ୍ୟାନ କ୍ଷେତ୍ର ନୀରୀକ୍ଷକ ଓ ସର୍ଭେୟର ଯୋଗ ଦେଇଥିଲେ । ହରିଚନ୍ଦନପୁର ବଚଲକର ଦଇତାରି ଓ ଯୋଡ଼ା ବ୍ଲକର କୁରୁଡ଼ି ପଂଚ ।ୟତକୁ ଛାଡି ଜିଲ୍ଲାର ସମସ୍ତ ବ୍ଲକର ୨୯୫ ପଂଚ ।ୟତ ଏବଂ ସମସ୍ତ ମୁନିସପାଲିଟ ଏବଂ ଏନ.ଏ.ସି ରେ ଚଳିତ କୃଷି ବର୍ଷରେ ମୋବାଇଲ ଆପ ମାଧ୍ୟମରେ ଶସ୍ୟ କାଟ ହୋଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ।ଏହି କାର୍ଯ୍ୟକ୍ରମ ବିଗତ ୨୦୧୬-୧୭ କୃଷିବର୍ଷରୁ କାର୍ଯ୍ୟକାରି ହୋଇ ଆସୁଅଛି । ଏହି ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ,ଯୋଜନା ଓ ପରିସଙ୍ଖ୍ୟାନର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା, ଡି.ଆର୍.ସି.ଏସ୍ ପର୍ଶୁରାମ ପାତ୍ର ଯୋଗ ଦେଇ ସମସ୍ତ ତାଲିମ ଗ୍ରହଣ କାରିଙ୍କୁ ଏହି ତାଲିମ ନେଇ ଫିଲ୍ଡ/ କ୍ଷେତ୍ରରେ ମୋବାଇଲ୍ ଆପରେ ସଠିକ୍ ଶସ୍ୟକାଟ କରି ଫର୍ମ-୮ ରେ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେବା ସହ ସରକାର ତଥା ଜିଲ୍ଲାର ଏହି ମହତ କାର୍ଯ୍ୟରେ ସହଯୋଗ କରିବାକୁ ଅବଗତ କରାଇଥିଲେ ।

ଓଡିଶା ସରକାରଙ୍କ ଅର୍ଥନିତୀ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଜିଲ୍ଲା ପ୍ରଶାସନ ଓ ମୁଖ୍ୟ କୃଷି ଅଧିଲାରୀଙ୍କ ସହଯୋଗ ଓ କେନ୍ଦୁଝରସ୍ଥ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ତାଲିକ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯାଳୟର ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନାର ସ୍କିମ୍ ଅଧିକାରୀ ତଥା ହରିଚନ୍ଦନପୁର ଗୋଷ୍ଠୀ କୃଷି ଅଧିକାରୀ ପ୍ରବୋଧ କୁମାର ବିଶ୍ୱାଳ, ପରିସଂଖ୍ୟାନ ଅଧିକାରି ଅନୁପମା ପାତ୍ର,ଫ୍ୟୁଚର ଜେନେରାଲି ୟୁନୁରାନସ ଜିଲ୍ଲା ସଂଯୋଜକ ସୌଭାଗ୍ୟ କୁମାର ଦାସ,ଆନନ୍ଦପୁର ବ୍ଲକର ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ମଳୟ ରଞ୍ଜନ ପରିଡା ତାଲିମଦାତା ଭାବେ ପରିଚାଳନା କରିଥିଲେ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅନୁସନ୍ଧାନକାରୀ ବିନ୍ଦିଆ ମୁଣ୍ଡା, ବରିଷ୍ଠ ଅର୍ଥନିତୀ ଅନୁସନ୍ଧାନ କାରୀ ମାଧୁରୀପ୍ରିୟା ହନାଗା,ପୃଥ୍ୱିରାଜ ସୋରେନ୍, ପ୍ରଶାନ୍ତ ପ୍ରଧାନ , ଦୋଳମଣି ହଂସ ଏବଂ ସମସ୍ତ କର୍ମଚାରୀ ସଯୋଗ କରିଥିଲେ ।

# ମୌଳିକ ସମସ୍ୟା ପୂରଣ ଦାବି ନେଇ ଗ୍ରାମବାସୀଙ୍କ ଗଣଧାରଣା

ବାରିପଦା,୧୩/୧୧ (ନି.ପ୍ର): ଗ୍ରାମବାସୀ ମାନେ ବିଭିନ୍ନ ମୌଳିକ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି । ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଂଚାୟତବାସୀ ମାନେ ଧାରଣା ଦେଇଛନ୍ତି । ଏନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କପ୍ତିପଦା ବ୍ଲକର ରାଣୀପୋଖରୀ ଏବଂ ରାମଚନ୍ଦ୍ରପୁର ଗ୍ରାମ ପଂଚ ।ୟତ ମଧ୍ୟରେ ପ୍ରବାହିତ ହେଉଥିବା ଦୋମୁହାଣୀ ନଦୀ ଉପରେ ଚିର ସ୍ଥାୟୀ ପୋଲ ନିର୍ମାଣ କରାଯିବାକୁ ମୁଖ୍ୟ ଦାବି ରହିଛି । ଏହାସହିତ ଅନ୍ୟ ୯ଟି ଦାବି ପୁରଣ ପାଇଁ ଆଜି 'ଶରତ ବିକାଶ ମଂଚ ' ମିଳିତ ସହଯୋଗରେ ରାମଚନ୍ଦ୍ରପୁର ଗ୍ରାମ ପଂଚ ।ୟତବାସୀ ଏହି ପଦଯାତ୍ରା ଏବଂ ଗଣଧାରଣା ଦେଇଛନ୍ତି । ସ୍ଥାନୀୟ ଟୋଲ ଗଡିଆରେ ନିର୍ମାଣାଧିନ 'ବସୁଧା" ଜଳପ୍ରକଳ୍ପ ସଂପୂର୍ଣ କରିବା, କିଟିସାହିରେ ବିଦ୍ୟୁତ ସଂଯୋଗ କରାଯିବା, ରାମଚନ୍ଦ୍ରପୁର ଗ୍ରା:ପରେ ଏଫଆରଏ ୨୦୦୬ କାର୍ଯ୍ୟକାରୀ କରିବା, କେନ୍ଦୁଗୁଠ ଠାରୁ ମହୁଲଡିହା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା, ଆଲଡାସାହିରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରିବା, କପ୍ତିପଦା ବ୍ଲକରେ ଏଫଆରଏ ୨୦୦୬ କାର୍ଯ୍ୟକାରୀ କରିବା , କେନ୍ଦୁଗୁଠି ଠାରୁ କଳମଗଡିଆ ପର୍ଯ୍ୟନ୍ତ ରାସ୍ତାକୁ ନିର୍ମାଣ କରିବା , ଧୋଲିପଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ କରିବା ଓ ଜିଲ୍ଲାରେ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ କାର୍ଯ୍ୟକାରୀ କରିବା ଇତ୍ୟାଦି ଦାବି ରହିଛି । ପୂର୍ବରୁ ଏନେଇ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନମିଳିବାରୁ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିବା ପ୍ରକାଶ କରିଛନ୍ତି । ଦାବି ପୂରଣ ନହେଲେ ଆନ୍ଦୋଳନ ତିବ୍ର କରାଯିବା ନେଇ ଚେତାବନୀ ଗ୍ରାମବାସୀ ଦେଇଛନ୍ତି ।

# ଇନୋଭିଷ୍ଟା -୨୦୨୫ ବାର୍ଷିକ ବିଜ୍ଞାନମେଳା ଓ ବାର୍ଷିକ ଆନ୍ତଃସ୍କୁଲ ବିଜ୍ଞାନମେଳା ଉଦ୍‌ଯାପିତ

କେନ୍ଦୁଝର,୧୩/୧୧ (ନି.ପ୍ର): ସହର ଉପକଣ୍ଠ ନଇଗାଁ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା ' ଇନୋଭିଷ୍ଟା -୨୦୨୫' ବାର୍ଷିକ ବିଜ୍ଞାନମେଳା ଓ ବାର୍ଷିକ ଆନ୍ତଃସ୍କୁଲ ବିଜ୍ଞାନମେଳା ସହ ଚିତ୍ରକଳା ପ୍ରଦର୍ଶନୀ ଖୁବ୍ ଉତ୍ସାହ ଏବଂ ଆଡମ୍ବର ସହକାରେ ଉଦଯାପିତ ହେଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହେଇଥିବା ଏହି ପ୍ରଦର୍ଶନୀ ମେଳାରେ ପ୍ରାୟ ୮୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପ ଏବଂ ଦୁଇଶହରୁ ଉର୍ଦ୍ଧ୍ୱ ହସ୍ତକଳା ପ୍ରକଳ୍ପ ପ୍ରଦର୍ଶିତ ହେଇଛି । ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡକ୍ଟର ପ୍ରଭୁଦତ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟଅତିଥି ଭାବରେ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁସଲକର ଦାଗଡୁ ଏବଂ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ ଯୋଗ ଦେଇ ଆଗାମୀ ସମୟରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସମ୍ଭାବନା ଏହି ମେଳାରେ ସ୍ଥାନପାଇଛି ବୋଲି ମତବ୍ୟକ୍ତ କରିଥିଲେ । ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଆମେ ସମାଜର ତଥା ନିଜ ଜିଲ୍ଲାର ଉନ୍ନତିରେ ଭାଗିଦାରୀ ନେବାପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଅଧ୍ୟକ୍ଷ ଲଳିତ କୁମାର ସାହୁ, ପଦାର୍ଥ ବିଜ୍ଞାନ ବିଭାଗର ଅଧକ୍ଷ ଶ୍ରୀଯୁକ୍ତ ଜ୍ୟୋତିରଞ୍ଜନ ଜେନା ଏବଂ କାଶଭି ମାଇନ୍ସର ସଭାପତି ଶ୍ରୀ ଧୀର ନିରୋଦ ପରିଡ଼ା ପ୍ରମୁଖ ଯୋଗ ଦେଇ ଛତାଛାତ୍ରୀଙ୍କୁ ଉଚ୍ଚଭିଳାସୀ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ତଥା କାଶଭି ଗ୍ରୁପ ଅଫ କମ୍ପାନିଜର ଅଧ୍ୟକ୍ଷ ଇଂ ଦେବବ୍ରତ ବେହେରା ଯୋଗୁଁ ଦେଇ ବିଭିନ୍ନ ପ୍ରକଳ୍ପର ନିରୀକ୍ଷଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଉଚ୍ଚପ୍ରସଂଶିତ କରିଥିଲେ । ବିଦ୍ୟାଳୟର ଟ୍ରଷ୍ଟି ସୁସ୍ମିତା ବେହେରା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃଷକ ଶ୍ରୀ ଚନ୍ଦ୍ରଶେଖର ବେହେରା, ଟ୍ରଷ୍ଟି ଶିରତ କୁମାର ମହାଟ୍ରିଷ୍ଟି ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ହାଇସ୍କୁଲର ପ୍ରଶାସନିକ ଅଧ୍ୟକ୍ଷ ଇଂ ମୃତ୍ୟୁଞ୍ଜୟ ନାୟକ, ଉପସଭାପତି ଇଂ କିରଣ ଭାରତୀ, ଅଧ୍ୟକ୍ଷ ଡ଼ ଦିବ୍ୟକିଶୋର ପ୍ରଧାନ, ଉପାଧ୍ୟକ୍ଷା ସଂଯୁକ୍ତା ଦାସ, ଶ୍ରୀମତୀ ନିବେଦିତା ମିଶ୍ର, ଏକାଡେମିକ କୋର୍ଡିନେଟର ଇଂ ହିମାଳୟ ସାହୁ, ସିଏ ସନତ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ରୋବୋଟିକ, ସାମାଜିକ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ହସ୍ତଶିଳ୍ପର ପ୍ରଦର୍ଶନୀରେ ପ୍ରାୟ ୮୦୦ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ପ୍ରକଳ୍ପ ନିରୀକ୍ଷକ ଭାବରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ ମାନେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପର ସଠିକ୍ ମୂଲ୍ୟାୟନ କରିଥିଲେ । ସମସ୍ତ ପ୍ରକଳ୍ପ ଗୁଡ଼ିକ ଅତିଥି ମାନଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହେଇଥିଲା । ଆନ୍ତଃସ୍କୁଲ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରାୟ ଜିଲ୍ଲା ତଥା ଜିଲ୍ଲା ବଜାରରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ପ୍ରକଳ୍ପ ପ୍ରଦର୍ଶନ ହେଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହେଇଥିଲା । ପରିଶେଷରେ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରିକ ଶିବଦତ୍ତ ଦାସ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ପରିଚାଳନା ଓ ସହଯୋଗ ଦେବୀ ମହାପାତ୍ର,ସତ୍ୟବ୍ରତ ଦାସ, କମଳ ଲୋଚନ ସାହୁ, ସର୍ବେଶ୍ୱର ମହାନ୍ତି, ସଚିନ କର୍ମାକର, ପ୍ରତୀକ୍ଷା ପ୍ରିୟଦର୍ଶନୀ, ଲଗ୍ନଜିତ ସାହୁ, ଶଶିରେଖା ସାହୁ, ଗିରୀରାଜେଶ୍ୱରି ମିଶ୍ର, ସୌଦାମିନୀ ଖୁଣ୍ଟିଆ, ନେହା ସିମରନ,ଦୀକ୍ଷା ମିଶ୍ର,ସୁଜିତ୍ ଗୁପ୍ତା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ନେତୃତ୍ୱ ନେଇଥିଲେ ।

# ମାଟିଆପଡା ଓଭରବ୍ରିଜ ତଳେ ଆପ୍ରୋଚ ରୋଡ ନିର୍ମାଣ ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ରାସ୍ତାରୋକ

ପୁରୀ,୧୩/୧୧ (ନି.ପ୍ର): ପୁରୀ-କୋଣାର୍କ ରାସ୍ତାର ମାଟିଆପଡା ରେଳ ଓଭରବ୍ରିଜ କାର୍ଯ୍ୟ ଧିମା ଗତିରେ ଚାଲିଛି । ବ୍ରିଜର ଦୁଇ ପାର୍ଶ୍ୱ ରାସ୍ତା ଖୋଳାଖୋଳି ହୋଇ କଦର୍ଯ୍ୟ ଅବସ୍ଥାରେ ରହିଛି । ଇନ୍ଦ୍ରଦ୍ୟୁମ୍ନ ଛକ ଠାରୁ ବାଲିଘାଟ ଛକ ପର୍ଯ୍ୟନ୍ତ ରାସ୍ତାରେ ଚାଲିକରି ଯିବା କଷ୍ଟସାଧ ହୋଇପଡିଲାଣି । ଏହି କାମ ଠିକା ନେଇଥିବା ଠିକା ସଂସ୍ଥା ମାର୍ଚ୍ଚ ୨୦୨୫ ସୁଦ୍ଧା କାର୍ଯ୍ୟ ଶେଷ ଅବଧି ଥିଲେ ମଧ୍ୟ କାମ ୫୦ ପ୍ରତିଶତ ସରିନାହିଁ । ପ୍ରତି ମିନିଟରେ ୨୦ ଖଣ୍ଡ ଯାନ ରେଳ ଫାଟକ ଦେଇ ଯାତାୟାତ କରୁଛି । ରାସ୍ତା କଦର୍ଯ୍ୟ ଓ ଟ୍ରେନ ଗେଟ ପଡିବା ଯୋଗୁ ଅଂଚଳବାସୀ, ପର୍ଯ୍ୟଟକ, ସିଦ୍ଧମହାବୀର ଦର୍ଶନାର୍ଥୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ଖରାପ ଯୋଗୁ ସ୍କୁଲକୁ ଯାଉଥିବା ବିଦ୍ୟାର୍ଥୀ, ଆମ୍ବୁଲାନ୍ସ ଓ ଦମକଳ ଗାଡି ଯାଆସରେ ବିଳମ୍ବ ଘଟୁଛି । ୨୦୧୯ ଅଗଷ୍ଟ ମାସରେ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଓ ପରିବହନ ମନ୍ତ୍ରାଳୟ ପକ୍ଷରୁ ଏହି ଓଭରବ୍ରିଜ ପାଇଁ ସ୍ୱୀକୃତି ମିଳିଥିଲା । ୨୦୨୧ ମସିହାରେ ଜମି ଅଧିଗ୍ରହଣ ଶେଷ ହୋଇ ୨୦୨୨ରେ ବ୍ରିଜ କାମ ଶେଷ ହୋଇଥାନ୍ତା । କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ । ଓଭରବ୍ରିଜର ଦୁଇ ପଟ ରାସ୍ତା ନହୋଇ ପାରିବାରୁ ତା ପ୍ରତିବାଦରେ ପୁରୀଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାସ୍ତାରୋକ କରାଯାଇଥିଲା । ଏହାର ନେତୃତ୍ୱ ଜିଲ୍ଲା କଂଗ୍ରେସ ସଭାପତି ଇଞ୍ଜିନିୟର ରାଜେଶ ମିଶ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଜାତୀୟ ରାଜପଥ ପ୍ରାଧିକରଣ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଚଳିତମାସ ୨୦ ତାରିଖ ସୁଦ୍ଧା ରାସ୍ତା କାମ ଆରମ୍ଭ କରାଯିବ । ପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ । ଏଥିରେ ଉତ୍ତମ ଆଚାର୍ଯ୍ୟ, ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଅମରେନ୍ଦ୍ର ପାଇକରାୟ, ସିତାକାନ୍ତ ମହାନ୍ତି, ସୁଜିତ ମହାପାତ୍ର, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ସୁରେନ୍ଦ୍ର ପାଇକରାୟ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ସସ୍ମିତା ସ୍ୱାଇଁ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୁକାନ୍ତ କୁମାର ପ୍ରଧାନ, ଉମାକାନ୍ତ ବେହେରା, ଆଡଭୋକେଟ ପାଣ୍ଡି ବାବୁ, ଅମିୟ କୁମାର ମହାପାତ୍ର, ମନୋଜ ମହାପାତ୍ର, ବିଶ୍ୱରଞ୍ଜନ ସାମନ୍ତରାୟ ଏବଂ ଶତାଧିକ ସ୍ଥାନୀୟ ଅଧିବାସୀଙ୍କ ସମେତ ବହୁ ସଂଖ୍ୟକ ସାଧାରଣ ଲୋକେ ଉପସ୍ଥିତ ରହିଥିଲେ ।

# ଏଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ନବାଗତ ମହୋତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡା,୧୩/୧୧ (ନି.ପ୍ର): ଏଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ପ୍ରଥମ ବର୍ଷର ଛାତ୍ରୀ ଓ ଛାତ୍ରଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱାଗତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ତୁଳସୀ ଏଏନ୍ଏମ୍ ଓ ଜିଏନ୍ଏମ୍ ଟ୍ରେନିଂ ସେଣ୍ଟରର ଏଏନ୍ଏମ୍ ଓ ଜିଏନ୍ଏମ୍ କୋର୍ସରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରୀ ଓ ଛାତ୍ର ଏଓଏସ୍ କଲେଜ ଅଫ୍ ନର୍ସିଂର ବିଏସ୍‌ସି ନର୍ସିଂରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରୀ ଓ ଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଆଜିର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଏଡିଏମ୍ଓ ଫ୍ୟାମିଲି ୱେଲଫେୟାର୍ ଡିପାର୍ଟମେଣ୍ଟ କେନ୍ଦ୍ରାପଡ଼ାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରିଷ୍ଠ ଡାକ୍ତର ଡ. ସଚ୍ଚିଦାନନ୍ଦ ମିଶ୍ର ଓ ଅନ୍ୟତମ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ାର ସରକାରୀ ଏଏନ୍ଏମ୍ ଟ୍ରେନିଂ ସେଣ୍ଟର ଅଧ୍ୟକ୍ଷା ଭାରତୀ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଡିଏମ୍ଆର୍ସିଏଚ୍ ଓ ନ୍ୟାସନାଲ ହେଲ୍‌ଥ ମିଶନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ଡ. ସୁକାନ୍ତ ପ୍ରଧାନ, ଅନୁଷ୍ଠାନର ନିର୍ଦ୍ଦେଶକ ବାଣୀବ୍ରତ ତ୍ରିପାଠୀ, ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ସମାଜସେବୀ ସୁଖଦା ପ୍ରସାଦ ତ୍ରିପାଠୀ, ପ୍ରତିଷ୍ଠାତା ସମ୍ପାଦକ ତଥା ସମାଜସେବୀ ପ୍ରଶାନ୍ତ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ନର୍ସିଂ ଶିକ୍ଷାର ମହତ୍ୱ ଓ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ । ସେମାନଙ୍କ ଉପଦେଶ ନୂତନ ଛାତ୍ରୀଛାତ୍ରମାନଙ୍କୁ ଏକ ନୂଆ ଦିଗ୍‌ଦର୍ଶନ ଦେବା ସହ ଭବିଷ୍ୟତ ଜୀବନରେ ଜଣେ ଜଣେ ଉତ୍ତମ ସେବୀକା ଭାବେ ସମାଜରେ ପ୍ରତିଷ୍ଠିତ ହୋଇପାରିବେ । ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉଦ୍‌ଯାପନୀ ଉତ୍ସବରେ ସଭାପ ଭାପତିତ୍ୱ କରିଥିଲେ ପ୍ରଫେସନାଲ୍ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ପଟ୍ଟନାୟକ । ଅଧ୍ୟାପିକା ସୋନାଲୀ ସେନାପତି ଓ ପୂର୍ଣ୍ଣିମା ପ୍ରିୟଦର୍ଶନୀ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ତୁଳସୀ ଏଏନ୍ଏମ୍ ଓ ଜିଏନ୍ଏମ୍ ଟ୍ରେନିଂ ସେଣ୍ଟରର ଅଧ୍ୟକ୍ଷା କୁମୁଦିନି ଲେଙ୍କା, ଏସ୍ଓଏସ୍ କଲେଜ୍ ଅଫ୍ ନର୍ସିଂର ଅଧ୍ୟକ୍ଷା ପ୍ରିୟମ୍ବଦା ପଟ୍ଟନାୟକ, ଅଧ୍ୟାପିକା ପଲ୍ଲବୀ ପଟ୍ଟନାୟକ, ସୋନାଲି ବିଶ୍ୱାଳ, ସୁପ୍ରଭା ମଞ୍ଜରୀ ଦାଶ, ସ୍ୱାତୀ ସମନ୍ୱୟା, ରତୁପଣ୍ଡା ବିଶୋଇ, ଶୁଭଲକ୍ଷ୍ମୀ ବିଶ୍ୱାଳ, ରଶ୍ମିତା ମହାନ୍ତି, ବିଜୟ କୁମାର ସାହୁ, ତପନ ମହାନ୍ତି, ଶୁଭ୍ର ସନ୍ତୋଷ ଦାସ, ମନୋରଞ୍ଜନ ଦାସ, ସୁଶାନ୍ତ ମଲ୍ଲିକ, ଛାତ୍ରୀ ରାଜଲକ୍ଷ୍ମୀ ସାହୁ, ତେଜସ୍ୱନୀ ମହାନ୍ତି, ସେକ୍ ମହମ୍ମଦ ରାଜା, ଅବିନାଶ ବଳ, ସେକ୍ ସବୀର, ସ୍ନିଗ୍ଧାରାଣୀ ସିଂହ, ସନ୍ଧ୍ୟାରାଣୀ ମହାନ୍ତି, ଏଲିନା ଲେଙ୍କା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଭା ଶେଷରେ ଛାତ୍ରୀ ଓ ଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## କାଳିମେଳାରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦ୍‌ଘାଟିତ

ମାଲକାନଗିରି ,୧୩/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ କାଳିମେଳା ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଆଜି ଉଦଘାଟନ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦଘାଟନ କରିଥିବା ବେଳେ କାଳିମେଳା ତହସିଲଦାର ରାମକୃଷ୍ଣ ସତ୍ୟ ରାଜଗୁରୁ ସବ୍ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ଯୋଗ ଦେଇଥିଲେ । କାଳିମେଳା ତହସିଲ ଅଞ୍ଚଳବାସୀ ପୂର୍ବରୁ ବିଭିନ୍ନ ରେଜିଷ୍ଟ୍ରେସନ କାମ ପାଇଁ ମୋଟୁ ତହସିଲ ଉପରେ ନିର୍ଭର ଥିବା ବେଳେ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା । ତେବେ ବର୍ତ୍ତମାନ ତହସିଲ ସୀମା ବାହାରେ ନ ଯାଇ ନିଜ ନିଜ ତହସିଲରେ ଜମି ପଞ୍ଜିକରଣ କିମ୍ବା ଜମି କିଣାବିକା ଏବଂ ଅନ୍ୟାନ୍ୟ ରେଜିଷ୍ଟ୍ରେସନ କାମ କରାଯାଇ ପାରିବ । ଏହା ଲୋକଙ୍କ ପାଇଁ ବହୁ ସୁବିଧା ଯୋଗେଇବା ସହ ଜମି କିଣାବିକାରେ ଲୋକେ ତ୍ରାହି ପାଇବେ । ସବୁ ମଙ୍ଗଳବାର ଏବଂ ବୁଧବାର ଦିନ ଏହି ରେଜିଷ୍ଟ୍ରେସନ କାମ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି ।

# ଘରୋଇ କଳିରୁ ବାପକୁ ହତ୍ୟା କଲା ପୁଅ

କେନ୍ଦୁଝର,୧୩/୧୧ (ନି.ପ୍ର): ଟାଉନ ଥାନା ଅନ୍ତର୍ଗତ ଶିରିଶପାଳ ପଂଚ ।ୟତ ଅନ୍ତର୍ଗତ ନାଏକ ସାହିରେ ଘଟିଛି ହତ୍ୟାକାଣ୍ଡ । ଘରୋଇ କଳିରୁ ନିଶାସକ୍ତ ଅବସ୍ଥାରେ ବାପ କୁ ପିଟି ହତ୍ୟା କରିଛି ପୁଅ । ପ୍ରକାଶ ଯେ ରଇଆ ନାଏକ ନିଶାସକ୍ତ ଅବସ୍ଥାରେ ତରଣିସେନକୁ ଟଙ୍କା ମାଗିଥିଲା । ବାପ ଟଙ୍କା ଦେଇନଥିବା ବେଳେ ଝଗଡ଼ା ହୋଇଥିଲା । ନିଶାସକ୍ତ ଅବସ୍ଥାରେ ପୁଅ ବାପକୁ ଏକ କାଠ ଫାଳିଆରେ ମୁଣ୍ଡକୁ ପିଟିଥିବା ବେଳେ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଖବର ପାଇ ଟାଉନ ଥାନା ପୋଲିସ ପୁଅକୁ ଗିରଫ କରି ଶବକୁ ଜବତ କରି ଅଧିକ ତଦନ୍ତ କରୁଛି ।

# ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ କେନ୍ଦୁଝରର ସାର୍ଥକ ସ୍ୱୟଂପ୍ରକାଶ

କେନ୍ଦୁଝର,୧୩/୧୧ (ନି.ପ୍ର): କେନ୍ଦୁଝରର ଉଦୀୟମାନ ତରୁଣ କ୍ରିକେଟ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି । ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଘୋଷିତ ୧୯ ବର୍ଷରୁ କମ ଦଳରେ ସାର୍ଥକ ସ୍ଥାନ ହାସଲ କରିବା ସହ ବିସିସିଆଇ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ଆନୁକୁଲ୍ୟରେ ଚଳିତ ନଭେମ୍ବର ୧୬ ତାରିଖରୁ ମହାରାଷ୍ଟ୍ରରେ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା କୁଚ ବିହାର ଟ୍ରଫି ମ୍ୟାଚରେ ରାଜ୍ୟ ତରଫରୁ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସୂଚନାଯୋଗ୍ୟଯେ ଗତ ବର୍ଷ ମଧ୍ୟ ସେ ଓଡ଼ିଶା ରାଜ୍ୟ ଟିମ୍ ରେ ସାମିଲ୍ ହୋଇ କୁଚ ବିହାର ଟ୍ରଫି ପାଇଁ ଖେଳିଥିଲେ ।ନିର୍ମଳା କନଭେଣ୍ଟ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ କରିବା ପରେ ରେଭେନସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ ଏବଂ ବର୍ତ୍ତମାନ ରେଭେନସା ୟୁନିଭରସିଟି କଟକରେ +୩ ପ୍ରଥମ ବର୍ଷ କଳା ରେ ଅଧ୍ୟୟନରତ ସାର୍ଥକ ବରିଷ୍ଠ ପ୍ରଶିକ୍ଷକ ଗିରୀଶ ଚନ୍ଦ୍ର ହୋତା ଏବଂ ବୋଦାପଲସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦ୍ୱାରା ଓଡ଼ିଶା ଦଳରେ ପୁନର୍ବାର ସ୍ଥାନ ପାଇ ବେଶ ଖୁସି ଅଛନ୍ତି । ସୂଚନାଯୋଗ୍ୟ ଯେ ୨୦୨୧ ମସିହା ୧୬ ବର୍ଷରୁ କମ କ୍ରିକେଟ ଦଳରେ ବିଜୟ ମର୍ଚ୍ଚଣ୍ଟ ଟ୍ରଫି ପାଇଁ ମଧ୍ୟ ସାର୍ଥକ ଚୟନ ହୋଇଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ଏବଂ ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ବାର୍ଦ୍ଧକ୍ୟରେ ଆଂଟି ଅକ୍ସିଡାଂଟର ଆବଶ୍ୟକତା

**ବାର୍ଦ୍ଧକ୍ୟାବସ୍ଥା ରୋଗ ନୁହେଁ, ଏହା ଜୀବବିଜ୍ଞାନ ପ୍ରକ୍ରିୟା। ଏହାକୁ କେହି ପରିହାର କରିପାରିବେନି। ଏହା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏହି ଅବସ୍ଥାରେ ଶରୀରରେ ଜୀବନକୋଷ କ୍ଷୟକ୍ଷତି ଘଟିବା ସହ ଶରୀରରେ ଶକ୍ତିର ଅଭାବ ଘଟେ। କାରଣ ଏହି ସମୟରେ ଶରୀରରେ ବିଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦୃଢ଼ ପ୍ରତିରୋଧକ ଶକ୍ତିର ହ୍ରାସ ଘଟିଥାଏ। ବୃଦ୍ଧାବସ୍ଥାରେ ବହୁବିଧ ରୋଗର ଶିକାର ହେବାକୁ ପଡ଼େ। ଏଥିରୁ ଉପଶମ ପାଇବା ପାଇଁ ପୋଷଣ ଆଂଟିଅକ୍ସିଡାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**



ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପରିଣତ ବୟସରେ ଯଦି ମନୁଷ୍ୟ ଆଣ୍ଟିଅକ୍ସିଡାଣ୍ଟର ନିର୍ଦ୍ଧାରିତ ଚିକିତ୍ସାରେ ରହେ, ତାହେଲେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ



କରିପାରିବ। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଚିକିତ୍ସାର ଅନ୍ୟ ଏକ ମହତଗୁଣ ହେଉଛି, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକ ଔଷଧ ଖର୍ଚ୍ଚରୁ ବଞ୍ଚାଇବା ଓ ଡାକ୍ତରଖାନାର ରହଣି ସମୟକୁ କମାଇବା। ପୋଷଣ ବିଜ୍ଞାନର ଅନ୍ୟଏକ ଭୂମିକା ହେଉଛି ମନୁଷ୍ୟ ସମାଜକୁ ପୋଷଣ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ସଚେତନ କରାଇବା। କାର୍ଯ୍ୟଦକ୍ଷ ଆଣ୍ଟି ଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମଣିଷ ଉପରେ ଆଣ୍ଟି ଏଜିଂ ପ୍ରଭାବ ଅଛି।

**ବାର୍ଦ୍ଧକ୍ୟ ଅବସ୍ଥାର କାରଣ:** ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା:୧- ଶରୀରର କାରଣ ଚାପ, ୨- ଜିନୀୟ ଦାନର ହ୍ରାସ, ୩- ଜୀବକୋଷ ବିଭେଦୀକରଣର କ୍ଷତି, ୪- ଅପରିବର୍ତ୍ତନୀୟ ଅଣୁବିଶିଷ୍ଟର ହାନି, ୫- ଶରୀର କ୍ରିୟାର କ୍ଷୟ ସାଧନ, ୬- ଶରୀରର ଉପଯୋଗୀକରଣ ଓ ସମନ୍ୱିତ ପ୍ରକ୍ରିୟାର ଅବନତି, ୭- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ୮- ପରିବେଶ ପ୍ରଦୂଷଣ, ୯- ଫ୍ରିରାଡ଼ିକାଲର ଜୀବକୋଷ ଓ ଡି.ଏନ.ଏ. ଉପରେ ଆକ୍ରମଣ।

**ଫ୍ରିରାଡ଼ିକାଲସ ଓ ବାର୍ଦ୍ଧକ୍ୟାବସ୍ଥା:** ଫ୍ରିରାଡ଼ିକାଲ ହେଉଛି ଗୋଟିଏ ରାସାୟନିକ ଅବସ୍ଥା, ଯାହା ଜୀବକୋଷର ଦିଗ୍‌ବଳୟରେ ସ୍ୱାଧୀନ ଭାବେ ଅବସ୍ଥାନ କରିଥାନ୍ତି। ସେମାନଙ୍କ ଶରୀରରେ ଏକ କିମ୍ବା ଅଧିକ ଅନପେୟାର ଇଲେକ୍ଟ୍ରୋନ ଥାନ୍ତି। ସେହି ଅନପେୟାର ଇଲେକ୍ଟ୍ରୋନ ଗୁଡ଼ିକ ଶକ୍ତିଶାଳୀ ରସାୟନିକ ବନ୍ଧନ ଗଠନ କରି ଶରୀରର ଜୀବକୋଷର କ୍ଷତି ଘଟାଇଥାନ୍ତି। ଶରୀର ଭିତରେ ଥିବା ଏହି ମାରାତ୍ମକ ଫ୍ରିରାଡ଼ଫିକାଲ ଗୁଡ଼ିକ ଶରୀରରେ ଅନେକ କ୍ଷତି ଘଟାଇବା ସହିତ ମନୁଷ୍ୟକୁ ଶୀଘ୍ର ବାର୍ଦ୍ଧକ୍ୟ ଅବସ୍ଥାକୁ ଟାଣି ନେଇଥାନ୍ତି।। ଏହି ଉଗ୍ର ଓ ପ୍ରତିକ୍ରିୟାଶୀଳ ଫ୍ରିରାଡିକାଲ ସ୍ୱେସିଜ୍ ସବୁ ଜୀବକୋଷର ଅନେକ କ୍ଷତି ଘଟଣଇ ମଣିଷର ଶରୀରରେ ଏକାଧିକ ରୋଗ ଉତ୍ପତ୍ତି କରିଥାନ୍ତି। ଏହି ପ୍ରତିକ୍ରିୟାଶୀଳ ରାସୋୟନିକ ସ୍ୱେସିଜ ସମୂହ ମଧ୍ୟ ବାର୍ଦ୍ଧକ୍ୟବସ୍ଥା ପାଇଁ ମୁଖ୍ୟତଃ ଦାୟୀ। ଦେହ ଭିତରେ ଏହି ସ୍ୱେସିଜ୍ ଗୁଡ଼ିକର ଉତ୍ପତ୍ତି କମିବା ଓ ଏହାର ପରିମାଣ ହ୍ରାସ ହେଲେ ବାର୍ଦ୍ଧକ୍ୟବସ୍ଥାର ବିଳମ୍ବ ଘଟିଥାଏ।

**ବାର୍ଦ୍ଧକ୍ୟଅବସ୍ଥାର ଲକ୍ଷଣ:**

୧- ଦୃଷ୍ଟି ଓ ଶ୍ରବଣ ।କ୍ତିର ହ୍ରାସ, ୨- ଶରୀରରେ ମାଂସପେଶୀର ବଳ କମିବା, ୩- ଗଣ୍ଠି ପୀଡ଼ା ରୋଗ ଦେଖାଯିବା, ୪- ଶରୀରର ଅଙ୍ଗ ସଚଳତା କମିବା, ୫- ଶରୀରର ଚେତନା ଶକ୍ତି ହ୍ରାସ ହେବା।

**ଶରୀରରେ ଆଣ୍ଟି ଅକ୍ସିଡାଣ୍ଟର ଆବଶ୍ୟକତା:** ଆଣ୍ଟିଅକ୍ସିଡାଣ୍ଟ ହେଉଛି ଗୋଟିଏ ରାସାୟନିକ ମଲିକୁଲ। ଏହା ଶରୀରର ଜୀବକୋଷର ଦିଗ୍‌ବଳୟରେ ବେଶ୍ ସ୍ଥିର ଭାବରେ ଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଶରୀର ଭିତରେ ଦକ୍ଷ ପ୍ରତିରକ୍ଷା ସିଷ୍ଟମ ଭାବେ କାର୍ଯ୍ୟ କରିଥାନ୍ତି। ଆଣ୍ଟି ଅକ୍ସିଡାଣ୍ଟ ମଲିକ୍ୟୁଲ ମାରାତ୍ମକ ଫ୍ରିରାଡ଼ିକାଲକୁ ଇଲେକ୍ଟ୍ରୋନ ଦାନକରି ସେ ସବୁକୁ ଅକାମୀ କରିଥାନ୍ତି। ଆଣ୍ଟିଅକ୍ସିଡାଣ୍ଟ ମଲିକ୍ୟୁଲ ନିରାପଦରେ ଫ୍ରିରାଡ଼ିକାଲ ସହ ଅନ୍ତକ୍ରିୟା ବା ପାରସ୍ପରିକ କ୍ରିୟା କରିଥାନ୍ତି। ସେହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ସାଧାରଣ ବିଚନ ପ୍ରକ୍ରିୟା ସମୟରେ ଶରୀର ଭିତରେ ଉତ୍ପତ୍ତି ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଆଣ୍ଟିଅକ୍ସିଡାଣ୍ଟ ହେଉଛନ୍ତି, ଗ୍ଲୁଟାଥାୟନ, ଇୟୁବିକ୍ୟୁନେଲ ଏବଂ ଇୟୁରିକ ଅମ୍ଳ। ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରୁ ମିଳିଥଣନ୍ତି। ଶରୀର ଭିତରେ କେତେ ଗୁଡ଼ିଏ ଏନଜାଇମ ସିଷ୍ଟମ ଓ



ନନଏନଜାଇମ ସିଷ୍ଟମ ଫ୍ରିରାଡ଼ିକାଲକୁ ସ୍କାଭେଜିଂ କରିବାରେ ପ୍ରଧାନ ଭୂମିକା ନେଇଥାନ୍ତି। କିଛି ନନ୍ ଏନଜାଇମ ଆଣ୍ଟି ଅକ୍ସିଡାଣ୍ଟ ଗୁଡ଼ିକ ହେଲା- ଭିଟାମିନ-ଏ, ଭିଟାମିନ-ସି, ଏବଂ ବିଟା-କାରୋଟିନ। ଶରୀର ଭିତରେ ଏସବୁ ପଦାର୍ଥ ଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ହେଲା ଭିଟାମିନ-ଏ,. ଭିଟାମିନସି, ଏବଂ ବିଟା-କାରୋଟିନ। ଶରୀରର ଭିତରେ ଏସବୁ ପଦାର୍ଥଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରେ ସାମିଲ ହେବା ଉଚିତ୍।

**ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ପଦ୍ଧତିର ଆବଶ୍ୟକତା:**

ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମୁଖ୍ୟ କାର୍ଯ୍ୟ ଗଉଡ଼ିକ ହେଲା୧- ଶରରର କ୍ରିୟାତ୍ମକ ଜୀବକୋଷକୁ କାରଣ କ୍ଷତିରୁ ରକ୍ଷା କରିବା, ୨- ମସ୍ତିଷ୍କ ରକ୍ତକୋଷର ଇଣ୍ଟିଗ୍ରିଟିକୁ ନିରାପଦରେ ରଖିବା, ୩- ମସ୍ତିଷ୍କ ନିୟୁରନ କୋଷକୁ ପୃଷ୍ଟପୋଷକତା ଦେବା, ୪- ଜିନ୍‌ର ଇଣ୍ଟିଗ୍ରିଟି ଓ ସ୍ଥିରତାକୁ ସଂରକ୍ଷଣ କରିବା ୫- ମନୁଷ୍ୟ ଶରୀରର ସିମେନର ବିଶେଷତ୍ୱରେ ଉନ୍ନତି ଆଣିବା ୬- ଡି.ଏନ.ଏ. ମରାମତିରେ ସହାୟକ ବେହା ଓ ଡି.ଏନ.ଏ.କୁ କ୍ଷତିରୁ ରକ୍ଷା କରିବା, ୭- ଶରୀରର ରୋଗ ପ୍ରତିରୋଧକ ସିଷ୍ଟମର ଉନ୍ନତି କରିବା ଓ ଶରୀରକୁ ନାନାବିଧ ରୋଗ ଦାଉରୁ ରକ୍ଷା କରିବା, ୮ - ଶରୀରର କ୍ରୋନିକ ରୋଗକୁ ନିୟନ୍ତ୍ରଣ କରିବା, ୯- ଶରୀରରେ ଜିନର ପ୍ରକାଶ କାରଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକର ଶରୀର ଉପରେ ଇନକ୍ରେଡିବିଲ ପ୍ରଭାବ ରହିଛି।

୧. ଭିଟାମିନ-ଏ, ଭିଟାମିନ-ଇ ଓ ଭିଟାମିନ-ସି ଯୌଗିକ ବସ୍ତୁ ଗୁଡ଼ିକ ପଥ୍ୟ ଆଣ୍ଟିଅକ୍ସିଡାଣ୍ଟ। ଏଗଉଡ଼ିକ ସବୁଜ, ହଳଦିଆ ଓ କମଳା ରଙ୍ଗ ପନିପରିବା ଓ ଫଳରେ ଅଧିକ ଥାନ୍ତି। ତେଣୁ ଏହି ଖାଦ୍ୟ ନିୟମିତ ଖାଇବା ଉପକାରୀ।

୨. ଲେମ୍ବୁ, କମଳା, ଅଙ୍ଗୁର ସମେତ ସବୁଜ ପତ୍ର ବହୁଳ ପନିପରିବା, ବନ୍ଧାକୋବି, ସବୁଜ ଲଙ୍କା, ପିଜୁଳି ଓ ଅଙ୍କୁରିତ ଡାଲିଜାତୀୟ ଶସ୍ୟ ଯଥା-ମୁଗ, ବିରି, ଶିମ୍ବ ଓ ମଟର ଆଦିରେ ପ୍ରଚୁର ପରିମାଣରେ ଭିଟାମିନ ସି ଥାଏ। ସେସବୁ ଖାଦ୍ୟ ବିଧିବଦ୍ଧ ଖାଇବା ଆବଶ୍ୟକ।

# କ୍ଷଣିକରେ ମହାଭାରତର ଯୁଦ୍ଧ ଶେଷ କରିଥାନ୍ତେ ଏହି ଯୋଦ୍ଧା, ଏହି କାରଣରୁ ଲଢିଲେନି ଯୁଦ୍ଧ...

ଧର୍ମ ଓ ଅଧର୍ମ ମଧ୍ୟରେ ହୋଇଥିଲା ମହାଭାରତ ଯୁଦ୍ଧ । ଏହି ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ଏଥିରେ ପ୍ରାୟ ଲକ୍ଷ ଲକ୍ଷ ସୈନ୍ୟ ପ୍ରାଣ ହରାଇଥିଲେ । ମହାଭାରତ ଯୁଦ୍ଧରେ ଜଣେ ଏପରି ଯୋଦ୍ଧା ଥିଲେ ଯିଏକି କେବଳ ୩ଟି ବାଣରେ କୁରୁକ୍ଷେତ୍ରରେ ଯୁଦ୍ଧ ଶେଷ କରିପାରିଥାନ୍ତେ । କିନ୍ତୁ ସେ ଯୁଦ୍ଧ କରିନଥିଲେ । ଏହି ଯୋଦ୍ଧା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭୀମଙ୍କ ନାତି ତଥା ଘଟୋତ୍କଚୋଙ୍କ ପୁଅ ବର୍ବରିକ୍ । ସେ ଦିବ୍ୟଶକ୍ତି ହାସଲ କରିଥିଲେ । ପୌରାଣିକ କଥା ଅନୁଯାୟୀ, ବର୍ବରିକଙ୍କ ପାଖରେ ୩ଟି ଏପରି ବାଣ ଥିଲା ଯେଉଁଥିରେ ପୁରା ସେନା ମାତ୍ର ଗୋଟିଏ କ୍ଷଣରେ ଶେଷ ହୋଇଯାଇଥାନ୍ତା । ବର୍ବରିକ୍ ଏହି ୩ଟି ବାଣରେ ୩ଲୋକକୁ ଜିତିପାରିଥାନ୍ତେ । ତାଙ୍କ ପାଖରେ ୩ଟି ଅମୋଘ ବାଣ ମଧ ଥିଲା । ବର୍ବରିକ ଯୁଦ୍ଧ କରିବାକୁ ଚାହୁଁଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଜଣାଥିଲା



ଯେ ଯଦି ବର୍ବରିକ ଏହି ଯୁଦ୍ଧରେ ସାମିଲ୍ ହୁଅନ୍ତି ତେବେ ଯୁଦ୍ଧର ପରିଣାମ ଓଲଟା ହୋଇଯିବ । ଏଥିପାଇଁ ଶ୍ରୀକୃଷ୍ଣ ବ୍ରାହ୍ମଣ ବେଶରେ ବର୍ବରିକଙ୍କ ପାଖରେ ପହଞ୍ଚି ଭିକ୍ଷା ମାଗିଥିଲେ । ଯେତେବେଳେ ବର୍ବରିକ ଭିକ୍ଷାରେ କଣ ଦରକାର ବୋଲି ବ୍ରାହ୍ମଣଙ୍କୁ ପଚାରିଥିଲେ । ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର ମୁଣ୍ଡ ମାଗିଥିଲେ । ଆଉ ବର୍ବରିକ୍ ଆଶ୍ଚର୍ଯ୍ୟ ହୋଇ ବ୍ରାହ୍ମଣଙ୍କୁ ତାଙ୍କର ପରିଚୟ ପଚାରିଥିଲେ । ଏହାପରେ ଶ୍ରୀକୃଷ୍ଣ ନିଜ ବାସ୍ତବ ରୂପକୁ ଫେରିଥିଲେ ଏବଂ ବର୍ବରିକ୍ କୃଷ୍ଣଙ୍କର ସାକ୍ଷାତ ପାଇ ନିଜ ମୁଣ୍ଡକୁ ସମର୍ପଣ କରିଦେଇଥିଲେ । କିନ୍ତୁ ବର୍ବରିକ୍‌ଙ୍କ କଟାମୁଣ୍ଡ ଶ୍ରୀକୃଷ୍ଣଙ୍କ ବରଦାନରୁ ମହାଭାରତର ପୁରା ଯୁଦ୍ଧ ଦେଖିଥିଲେ । କଳିଯୁଗରେ ବର୍ବରିକ୍‌ଙ୍କର ପୂଜା କରାଯିବା ନେଇ ଶ୍ରୀକୃଷ୍ଣ ବରଦାନ ଦେଇଥିଲେ । ଆଉ ବର୍ବରିଙ୍କର ବର୍ତ୍ତମାନ ଖଟ୍ଟୁଶ୍ୟାମ ଭାବେ ପୂଜା ପାଉଛନ୍ତି ।

# ଘରେ ପ୍ରସ୍ତୁତ କରନ୍ତୁ ସୁଜିର ଏହି ରେସିପି: ଖୁବ୍ ଜମିବ



ଗରମାଗରମ ପକୁଡ଼ି ଖାଇବାର ମଜା ଅଲଗା। ଲୋକେ ଭିନ୍ନ ଭିନ୍ନ ପ୍ରକାରର ପକୁଡ଼ି ଖାଇ ମଜା ଉଠାଇଥାନ୍ତି। ହେଲେ କେବେ ସୁଜି ଓ ଆଳୁର ସୁଆଦିଆ ପକୁଡ଼ି ଖାଇଛନ୍ତି। ଏହା ପାଟିକ ଯେତେ ଚଟପଟା ଖାଇବାକୁ ଯେତେ ସୁଆଦିଆ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ । ପ୍ରଥମେ ଆଳୁକୁ ଚୋପା ଛଡ଼ାଇ ଏକ ଗ୍ରେଟ୍‌ରରେ ଘଷି ଦିଅନ୍ତୁ। ତାହାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ ତେଲ ପକାଇ ଜିରା ପକାନ୍ତୁ। ଜିରା ଫୁଟିଲେ କଞ୍ଚା ଲଙ୍କା, ଅଦା, ଭେସ୍ତଙ୍ଗା ପତ୍ର, କଞ୍ଚା ଆଳୁ ପକାଇ ହାଲକା ଭାଜି ଦିଅନ୍ତୁ। ଏବେ ସେଥିରେ ପାଣି ଦିଅନ୍ତୁ। ମନେ ରଖନ୍ତୁ ଏହି ପକୁଡ଼ି ପାଇଁ ଯେତିକି ସୁଜି ବ୍ୟବହାର କରିବେ, ତାର ଦୁଇ ଗୁଣା ପାଣି ପକାଇବେ। ପାଣି ଫୁଟିଗଲେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଚାଟ ମସଲାକୁ ପକାନ୍ତୁ। ଏହାପରେ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ। ସେଥିରେ ଅଳ୍ପ ଅଳ୍ପ କରି ସୁଜି ପକାଇ ତାହାକୁ ଭଲ ଭାବେ ଜନ୍ତଣୀ ଦିଅନ୍ତୁ। ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ଦିଅନ୍ତୁ। ପରେ ତାହାକୁ ହାତରେ ଛୋଟା ଛୋଟା ଗୁଳା କରି ତେଲରେ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ ସୁଜି ପକୁଡ଼ି। ବର୍ଷା ପାଗରେ ଏହାର ମଜା ନିଅନ୍ତୁ।

# ରକ୍ତହୀନତା ଓ ମହିଳା

ସାଧାରଣତଃ ସହରାଂଚଳ ଅପେକ୍ଷା ଗ୍ରାମାଂଚଳରେ ମହିଳାମାନେ ଅଧିକ ସଂଖ୍ୟାରେ ରକ୍ତହୀନତାର ଶିକାର ହୋଇଥାନ୍ତି । ତେବେ ଏହି ରକ୍ତହୀନତା ରୋଗର ପ୍ରଥମରୁ ଚିକିତ୍ସା କରାଯାଇ ନପାରିଲେ ମଣିଷ ମୃତ୍ୟୁ ମୁଖକୁ ଟାଣି ହୋଇଯିବାର ସମ୍ଭାବନା ରହିଛି। ଏଥିପାଇଁ ବେଳହୁଁ ସତର୍କତା ଅବଲମ୍ବନ କରିବାର ଯଥାର୍ଥତା ରହିଛି। ତେବେ ରକ୍ତହୀନତା କ'ଣ ଏବଂ ଏହି ରୋଗର ଉପଚାର ସମ୍ପର୍କରେ ଆସନ୍ତୁ ଜାଣିବା।



ଇଂରାଜୀରେ ଗୋଟିଏ ପ୍ରବାଦ ରହିଛି ପ୍ରିଭେନଶନ ଇଜ୍ ବେଟର ଦ୍ୟାନ କିଓର। ତା'ଣ ଭାବାର୍ଥ ହେଲା ଚିକିତ୍ସା ଦ୍ୱାରା ରୋଗ ମୁକ୍ତ ହେବା ଅପେକ୍ଷା ରୋଗ ନିବାରଣ କରିବା ଭଲ। ଶିକ୍ଷିତା ନାରୀ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଧର୍ମୀ ପତ୍ରିକା ପଢ଼ି ତଦନୁସାରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ବେଶ୍ ଜାଣିପାରୁଛି। ଗ୍ରାମାଞ୍ଚଳରେ ଅଶିକ୍ଷିତ ତଥା ନିରକ୍ଷର ମହିଳାମାନେ ଅଜ୍ଞାତରେ ବଶବର୍ତ୍ତୀ ହୋଇ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି। ପୁଷ୍ଟିକର ଖାଦ୍ୟ ଅଭାବରେ ଅନେକ ଗ୍ରାମ୍ୟ ମହିଳା ରକ୍ତହୀନତାର ଶିକାର ହୋଇ ଅକାଳରେ ପ୍ରାଣ ହରାଉଛନ୍ତି। ଓଡ଼ିଶାରେ ରକ୍ତହୀନତାର ମୃତ୍ୟୁ ହାର ସର୍ବାଧିକ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଏଣୁ ଏହା ଏକ ଉଦ୍‌ବେଗର ବିଷୟ ଭାବେ ଦେଖା ଦେଇଛି।

**ଲକ୍ଷଣ:** ଶରୀରରେ ରକ୍ତର ପରିମାଣ କମ୍ ହେଲେ ନିମ୍ନଲିଖିତ ଲକ୍ଷଣମାନ ପ୍ରକାଶ ପାଇଥାଏ। ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତାରହିଛି।

- ରକ୍ତହୀନତାର ବ୍ୟକ୍ତି ଅଧିକ ଦୁର୍ବଳ ଅନୁଭବ କରେ। ସାମାନ୍ୟ ପରିଶ୍ରମ କଲେ ତାକୁ ଥକ୍କା ଲାଗେ।

ଆଳସ୍ୟ ଏବଂ ନିରୁତ୍ସାହିତ ସର୍ବଦା ଲାଗିରହେ। କୌଣସି କାମରେ ମନ ଲାଗେନି।

- ରୋଗୀ ସବୁବେଳେ ବିଛଣାରେ ପଡ଼ିରହିବାକୁ ପସନ୍ଦ କରେ। ଭୋଗ ଲାଗେ ନାହିଁ କିମ୍ବା ଭୋକହୁଏ। ଖାଦ୍ୟ ଭଲଭାବେ ଜୀର୍ଣ୍ଣ ହୁଏନାହିଁ।
- ପେଟ ସବୁବେଳେ ଓଜନିଆ ଲାଗେ। କୋଷ୍ଠକାଠିନ୍ୟ ଲାଗିରାହେ।
- ରକ୍ତହୀନତା ହେତୁ ବ୍ୟକ୍ତିକୁ ଚିଡ଼ିଚିଡ଼ା ଲାଗେ। ତା'ର ସ୍ମରଣ ଶକ୍ତି ମଧ୍ୟ କମିଯାଏ।
- ଶରୀର ହଳଦିଆ ଦେଖାଯାଏ। ମୁଣ୍ଡ ବୁଲାଏ, ଆଖି ଆଗରେ ଝାପସା ଝାପସା ଦେଖାଯାଏ।
- ରକ୍ତଚାପ କମ ହୋଇଯିବାର ଲକ୍ଷଣ ମଧ୍ୟ ପରିଲକ୍ଷିତ ହୁଏ।



- ରୋଗ ବୃଦ୍ଧି ପାଇବା ଅବସ୍ଥାରେ ଓଠ, ଜିଭ, ନଖ ଆଦି ଧଳା ଦେଖାଯାଏ।
- ଶରୀରରେ ତଥା ଗୋଡ଼ ହାତରେ ଯନ୍ତ୍ରଣା ଲାଗିରହେ।
- ଏହାଦ୍ୱାରା ମାସିକ ଋତୁସ୍ରାବ ମଧ୍ୟ କମିଯାଏ। ଏମିତି ପରିସ୍ଥିତିରେ ଗର୍ଭଧାରଣ କଲେ ଶିଶୁ ଦୁର୍ବଳ ହୋଇପଡ଼େ।

**ଶରୀରରେ ରକ୍ତ କମିଯିବାର କାରଣ ରକ୍ତସ୍ରାବ:**

ଖଣ୍ଡିଆ ହେଲେ, କଟିଗଲେ, ଅପରେସନ କିମ୍ବା ଅନ୍ୟ କୌଣସି କାରଣରୁ ଶରୀରରୁ ଯେବେ ଅଧିକ ରକ୍ତ ନିର୍ଗତ ହୁଏ, ତେବେ ଶରୀରରେ ରକ୍ତହୀନତା ଦେଖାଦିଏ।

**ଅନ୍ତଃକୃମିର କାରଣ:** ଗ୍ରାମ୍ୟ ମହିଳାମାନେ ଖାଲି ପାଦରେ ସବୁବେଳେ ଆତଯାତ ହୁଅନ୍ତି। ପାଦରେ କୃମି ପେଟକୁ ଯାଇ ରକ୍ତ ଶୋଷଣ କଲେ ରକ୍ତହୀନତା ଦେଖାଦିଏ ସେହିପରି ଏମିତି କେତୋଟି ରୋଗ ଅଛି ଯାହା ଦ୍ୱାରା ଶରୀରୁ ରକ୍ତ ବାହାରିଯାଏ। ମଳକଣ୍ଟକ, ଆମାଶୟ, ବ୍ରଣ ଆଦି।

**କୁପୋଷଣ:** ପୂର୍ଣ୍ଣ ଭାବେ ପୌଷ୍ଟିକ ଖାଦ୍ୟ ନମିଳିବା, ଖାଦ୍ୟରେ ସବୁଜ ପନିପରିବାର ଅଭାବ, ଫଳ ଓ କ୍ଷୀରର ଆବଶ୍ୟକତାକୁ ପୂରଣ କରି ନପାରିଲେ ରକ୍ତାଳ୍ପତା ହୁଏ। ଏହାବ୍ୟତୀତ ଆଂଟିବାୟୋଟିକ ଔଷଧ ସେବନର ଅଧିକ ହେତୁଲାଲ ରକ୍ତକଣିକା ତିଆରି ପାଇଁ ଅସୁବିଧା ଉପୁଜେ। ଭୋଜ୍ୟ ପଦାର୍ଥ ଭିତରୁ ଲୌହ ଭିଟାମିନ୍ସ ଆଦିର ଅଭାବରେ ମଧ୍ୟ ରକ୍ତହୀନତା ଦେଖାଦିଏ। ପୂର୍ଣ୍ଣ ଭାବେ ବିକଶିତ ହୋଇ ନଥିବା ଶରୀରକୁ ଗର୍ଭଧାରଣର ବୋଝ, ମାସିକ ଋତୁସ୍ରାବରେ ଅତ୍ୟଧିକ ରକ୍ତକ୍ଷରଣ, ବାରମ୍ବାର ଗର୍ଭଧାରଣ ମଧ୍ୟ ଅନ୍ୟସବୁ କାରଣ ବୋଲି ଜଣାପଡ଼ିଛି।

**ରକ୍ତହୀନତା ଜନିତ ରୋଗ:** ଯଦି ସମୟ ଆଗରୁ ରକ୍ତହୀନତା ପ୍ରତି ଧ୍ୟାନ ଦିଆ ନଯାଏ ଅଥବା ଠିକ ସମୟରେ ଚିକିତ୍ସା ନକଲେ ଅନେକ ପ୍ରକାର ରୋଗ ବଢ଼ିଚାଲେ । ଶରୀର ହଳଦିଆ ହୋଇପଡ଼େ ଏବଂ ରୋଗୀ ଶକ୍ତିହୀନ ହୋଇ ବିଛଣାରେପଡ଼ିରହେ। କାମଳ ଓ ଜଳୋଦର ରୋଗ ମଧ୍ୟ ଗ୍ରାସ କରେ। ଏହା ବେଳେ ବେଳେ ଏମିତି ବିକଟାଳ ରୂପ ଧାଣର କରେ ଯେ ରୋଗୀ ମୃତ୍ୟୁମୁଖରେ ପଡ଼େ। ଗର୍ଭାବସ୍ଥାରେ ରକ୍ତହୀନତା ମା' ଓ ଶିଶୁ ଦୁହିଁଙ୍କ ସ୍ୱାସ୍ଥ୍ୟ ଉଦବେଗଜନକ ହୋଇପଡ଼େ ଏଣୁ ରକ୍ତହୀନତାକୁ ସାମାନ୍ୟ ରୋଗ ନଭକାବି ତୁରନ୍ତ ଏହାର ଚିକିତ୍ସା କରାଇନେବା ଉଚିତ।



**ରକ୍ତହୀନତାର ଚିକିତ୍ସା:** ଏହା ଦୂର କରିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଲୌହ ଏବଂ ଭିଟାମିନଯୁକ୍ତ ଖାଦ୍ୟ ପରିପୂର୍ଣ୍ଣ ଭାବରେ ଗ୍ରହଣ କରିବା ଉଚିତ। ଖାଦ୍ୟରେ ସବୁଜ ପନିପରିବା,ବିଭିନ୍ନ ପ୍ରକାରର ଶାଗ, ଯଥା- ପାଳଙ୍ଗ, ଖଡ଼ାଶାଗ, ଧନିଆପତ୍ର, ଫଳ ଭିତରେ କଦଳୀ, ସେଓ, ଅଙ୍ଗୁର, ଅଁଳା, ଗାଜର, ଟମାଟୋ, ଅମୃତଭଣ୍ଡା ଓ କ୍ଷୀର ମଧ୍ୟ ପ୍ରଚୁର ମାତ୍ରାରେ ଗ୍ରହଣ କରିବା ଜରୁରୀ। ଚୋକଡ଼ ମିଶ୍ରିତ ରୁଟି,ବଗଡ଼ା ଭାତ ଖାଇବା ବିଧେୟ। ସକାଳେ ସନ୍ଧ୍ୟାରେ ଖୋଲାପବନ ସେବନ କରିବା ଭଲ। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କଲେ ଆଗକୁ ଭୟ ରହିବ ନାହିଁ। ଶରୀର ସାମାନ୍ୟ କ୍ଳାନ୍ତି ଅନୁଭବ କଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ। କାରଣ ରକ୍ତହୀନତା ଯୋଗୁଁ ଶରୀର ଶକ୍ତି ନପାଇ ଅବଶ ହୋଇପଡ଼େ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସଟଡାଉନ୍ ସମାପ୍ତ, କିନ୍ତୁ ସଙ୍କଟ ବାକି

ଆମେରିକା, ବିଶ୍ୱର ସର୍ବବୃହତ ଅର୍ଥନୀତି ଏବଂ ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର ଭାବରେ ପରିଚିତ । କିନ୍ତୁ ଏହି ମହାଶକ୍ତିର ଶାସନ ବ୍ୟବସ୍ଥାରେ ଏକ ଅଦ୍ଭୁତ ଏବଂ ଜଟିଳ ପ୍ରକ୍ରିୟା ରହିଛି, ଯାହାକୁ 'ସରକାରୀ ସଟଡାଉନ୍' ବା ସରକାରୀ କାର୍ଯ୍ୟବନ୍ଦ କୁହାଯାଏ । ଏହା ଏକ ଏପରି ସ୍ଥିତି ଯେତେବେଳେ ସରକାରଙ୍କ ପାଖରେ ଅର୍ଥ ଖର୍ଚ୍ଚ କରିବାର ଆଇନଗତ ଅନୁମତି ନଥାଏ, ଫଳରେ ଅନେକ ସରକାରୀ ବିଭାଗ ଏବଂ ସେବା ବନ୍ଦ ହୋଇଯାଏ । ସାଧାରଣତଃ, ଏହା ଏକ ରାଜନୈତିକ ଅଚଳାବସ୍ଥାର ପରିଣାମ, ଯେତେବେଳେ ଦେଶର ରାଷ୍ଟ୍ରପତି ଏବଂ ସଂସଦ (କଂଗ୍ରେସ) ବାର୍ଷିକ ବଜେଟ୍ ଉପରେ ଏକମତ ହୋଇପାରନ୍ତି ନାହିଁ । ନିକଟରେ, ଆମେରିକା ଇତିହାସର ଦୀର୍ଘତମ, ୪୩ ଦିନିଆ ସରକାରୀ ସଟଡାଉନର ଅନ୍ତ ଘଟିଛି । ଏହି ସଙ୍କଟ ଟଳିଯାଇଥିଲେ ମଧ୍ୟ ଏହା ଯେଉଁ କ୍ଷତି କରିଯାଇଛି ଏବଂ ଆମେରିକୀୟ ରାଜନୀତିର ଯେଉଁ ଦୁର୍ବଳତାକୁ ପଦାରେ ପକାଇଛି, ତାହାର ବିଶ୍ଳେଷଣ ଜରୁରୀ ।

ଆମେରିକାର ସମ୍ବିଧାନ ଅନୁଯାୟୀ, ସରକାରୀ ଅର୍ଥ ଖର୍ଚ୍ଚ କରିବାର କ୍ଷମତା କଂଗ୍ରେସ (ପ୍ରତିନିଧି ସଭା ଏବଂ ସିନେଟ୍) ହାତରେ ନ୍ୟସ୍ତ । ପ୍ରତିବର୍ଷ ଅକ୍ଟୋବର ୧ ତାରିଖରୁ ଆମେରିକାର ନୂତନ ଆର୍ଥିକ ବର୍ଷ ଆରମ୍ଭ ହୁଏ । ଏହା ପୂର୍ବରୁ, କଂଗ୍ରେସକୁ ୧୨ଟି ବିନିଯୋଗ ବିଲ୍ (**appropriations bills**) ପାରିତ କରିବାକୁ ପଡ଼ିଥାଏ, ଯାହା ସରକାରଙ୍କ ବିଭିନ୍ନ ବିଭାଗ ଏବଂ ଏଜେନ୍ସିଗୁଡ଼ିକୁ ଆଗାମୀ ବର୍ଷ ପାଇଁ ପାଣ୍ଠି ଯୋଗାଇଥାଏ । କିନ୍ତୁ ଯେତେବେଳେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ କୌଣସି ପ୍ରମୁଖ ନୀତିଗତ ପ୍ରସଙ୍ଗରେ ଗଭୀର ମତଭେଦ ସୃଷ୍ଟି ହୁଏ, ଏହି ବଜେଟ୍ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ । ୨୦୨୫ର ଏହି ସଟଡାଉନର ମୂଳ କାରଣ ଥିଲା ଆଫୋର୍ଡେବଲ୍ କେୟାର ଆକ୍ଟ (**ACA**) ଅଧୀନରେ ଥିବା ସ୍ୱାସ୍ଥ୍ୟ ବୀମା ସବସିଡିର ସମାପ୍ତିକୁ ନେଇ ବିବାଦ । ଡେମୋକ୍ରାଟମାନେ ଏହି ସବସିଡି ଜାରି ରଖିବାକୁ ଚାହୁଁଥିବା ବେଳେ ରିପବ୍ଲିକାନମାନେ ଏହାକୁ ବିରୋଧ କରୁଥିଲେ, ଯାହା ଫଳରେ ସମୟସୀମା ସୁଦ୍ଧା କୌଣସି ସହମତି ହୋଇପାରିନଥିଲା ଏବଂ ଅକ୍ଟୋବର ୧ରୁ ସରକାରୀ କାର୍ଯ୍ୟବନ୍ଦ ଆରମ୍ଭ ହୋଇଥିଲା ।

ସଟଡାଉନର ମୂଳ କାରଣ ହେଉଛି ଆମେରିକୀୟ ରାଜନୀତିରେ ବଢୁଥିବା ଦଳୀୟ କଠୋରତା (**partisan polarization**)। ଗତ କିଛି ଦଶନ୍ଧି ଧରି, ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ଦଳ ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ଏତେ ବଢ଼ିଯାଇଛି ଯେ ସାଧାରଣ ପ୍ରସଙ୍ଗରେ ମଧ୍ୟ ସହମତି ହେବା କଷ୍ଟକର ହୋଇପଡୁଛି । ବଜେଟ୍ ଆଲୋଚନା କେବଳ ଆର୍ଥିକ ହିସାବ ନୁହେଁ, ବରଂ ଏହା ଏକ ରାଜନୈତିକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି, ଯେଉଁଠାରେ ପ୍ରତ୍ୟେକ ଦଳ ନିଜର ମୁଖ୍ୟ ଏଜେଣ୍ଡାକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରନ୍ତି । ଏହି ଘଟଣାଗୁଡ଼ିକ ସ୍ପଷ୍ଟ କରେ ଯେ ସଟଡାଉନ୍ ଏବେ ଏକ ରାଜନୈତିକ ଅସ୍ତ୍ର ଭାବରେ ବ୍ୟବହୃତ ହେଉଛି, ଯେଉଁଠାରେ ଦେଶର ସ୍ୱାର୍ଥ ଅପେକ୍ଷା ଦଳୀୟ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଉଛି ।

ଏହି ୪୩ ଦିନିଆ କାର୍ଯ୍ୟବନ୍ଦର ପ୍ରଭାବ ବ୍ୟାପକ ଏବଂ ଗମ୍ଭୀର ଥିଲା । ପ୍ରଥମତଃ, ଏହାର ସିଧାସଳଖ ପ୍ରଭାବ ଲକ୍ଷ ଲକ୍ଷ ସରକାରୀ କର୍ମଚାରୀଙ୍କ ଉପରେ ପଡ଼ିଥିଲା । ପ୍ରାୟ ୯୦୦,୦୦୦ 'ଅଣ-ଅତ୍ୟାବଶ୍ୟକ' କର୍ମଚାରୀଙ୍କୁ ବିନା ଦରମାରେ ଛୁଟିରେ (ଫର୍ଲୋ) ପଠାଇ ଦିଆଯାଇଥିଲା, ଏବଂ ପ୍ରାୟ ଦୁଇ ନିୟୁତ 'ଅତ୍ୟାବଶ୍ୟକ' କର୍ମଚାରୀଙ୍କୁ ବିନା ଦରମାରେ କାମ କରିବାକୁ ପଡ଼ିଥିଲା । ଏହା ସେମାନଙ୍କ ପରିବାର ଉପରେ ଏକ ବଡ଼ ଆର୍ଥିକ ଚାପ ସୃଷ୍ଟି କରିଥିଲା। ଦ୍ୱିତୀୟତଃ, ସଟଡାଉନର ଅର୍ଥନୈତିକ ପ୍ରଭାବ ମଧ୍ୟ ଅତ୍ୟନ୍ତ କ୍ଷତିକାରକ ଥିଲା । ଜାତୀୟ ଉଦ୍ୟାନ, ସଂଗ୍ରହାଳୟ ବନ୍ଦ ରହିବା, ସରକାରୀ ଠିକାଦାରଙ୍କ କାମ ବନ୍ଦ ହେବା ଏବଂ ଛୋଟ ବ୍ୟବସାୟ ପାଇଁ ଋଣ ପ୍ରକ୍ରିୟାରେ ବିଳମ୍ବ ହେବା ଯୋଗୁଁ ଅର୍ଥନୀତିକୁ ପ୍ରବଳ କ୍ଷତି ସହିବାକୁ ପଡ଼ିଲା । ଏକ ଆକଳନ ଅନୁଯାୟୀ, ଏହି ସଟଡାଉନ୍ ଯୋଗୁଁ ଦେଶର ମୋଟ ଘରୋଇ ଉତ୍ପାଦ (**GDP**) ପ୍ରାୟ ୫୫ ବିଲିୟନ ଡଲାର ପର୍ଯ୍ୟନ୍ତ କ୍ଷତି ସହିଛି । ଏହା ବ୍ୟତୀତ, ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ତଥ୍ୟ ଯେପରିକି ଅକ୍ଟୋବର ମାସର ମୁଦ୍ରାସ୍ଫୀତି ଏବଂ ନିଯୁକ୍ତି ରିପୋର୍ଟ ସଂଗ୍ରହ ହୋଇପାରିନଥିଲା, ଯାହା ନୀତି ନିର୍ଦ୍ଧାରକ ଏବଂ ବଜାର ପାଇଁ ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଥିଲା ।

ଅବଶେଷରେ, ନଭେମ୍ବର ୧୨ ତାରିଖରେ, ଉଭୟ ସଦନ ଏକ ଅସ୍ଥାୟୀ ପାଣ୍ଠି ଯୋଗାଣ ବିଲ୍ ଉପରେ ସହମତ ହେବା ପରେ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ ଏହି ସଟଡାଉନ୍ ସମାପ୍ତ ହେଲା । ଏହି ଚୁକ୍ତି ଅନୁଯାୟୀ, ସରକାରଙ୍କୁ ଜାନୁଆରୀ ୩୦ ପର୍ଯ୍ୟନ୍ତ ପାଣ୍ଠି ଯୋଗାଇ ଦିଆଯାଇଛି, ଯାହାଦ୍ୱାରା ସରକାରୀ କାର୍ଯ୍ୟ ପୁନର୍ବାର ସ୍ୱାଭାବିକ ହୋଇପାରିଛି । ଫର୍ଲୋରେ ଥିବା କର୍ମଚାରୀମାନେ କାମକୁ ଫେରିଛନ୍ତି ଏବଂ ସେମାନଙ୍କୁ ବକେୟା ଦରମା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ଏହା ଏକ ସ୍ଥାୟୀ ସମାଧାନ ନୁହେଁ । ଯେଉଁ ମୂଳ ପ୍ରସଙ୍ଗ, ଅର୍ଥାତ୍ ଇଉଇ ସବସିଡିକୁ ନେଇ ବିବାଦ ଥିଲା, ତାହା ଏବେ ବି ଅସମାହିତ ରହିଛି । ଏହି ଅସ୍ଥାୟୀ ଚୁକ୍ତି କେବଳ ସଙ୍କଟକୁ କିଛି ସମୟ ପାଇଁ ଟାଳି ଦେଇଛି, କିନ୍ତୁ ଯଦି ଆଗାମୀ ଦିନରେ ଉଭୟ ପକ୍ଷ ଏକ ସ୍ଥାୟୀ ସମାଧାନରେ ନ ପହଞ୍ଚନ୍ତି, ତେବେ ଜାନୁଆରୀ ଶେଷରେ ପୁଣି ଏକ ସଟଡାଉନର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।

ପରିଶେଷରେ, ଆମେରିକୀୟ ସରକାରୀ ସଟଡାଉନ୍ କେବଳ ଏକ ଆର୍ଥିକ କିମ୍ବା ପ୍ରଶାସନିକ ସମସ୍ୟା ନୁହେଁ, ବରଂ ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ବଢୁଥିବା ଗଭୀର ରାଜନୈତିକ ବିଭାଜନର ଏକ ସ୍ପଷ୍ଟ ସଙ୍କେତ । ଯେତେବେଳେ ରାଜନୈତିକ ଦଳଗୁଡ଼ିକ ଆପୋଷ ବୁଝାମଣା ଏବଂ ସହଯୋଗ ପରିବର୍ତ୍ତେ ସଂଘର୍ଷର ମାର୍ଗ ବାଛନ୍ତି, ସେତେବେଳେ ସାଧାରଣ ଜନତା ଏବଂ ଦେଶର ଅର୍ଥନୀତିକୁ ଏହାର ମୂଲ୍ୟ ଦେବାକୁ ପଡ଼ିଥାଏ । ଏହି ସଟଡାଉନର ସମାପ୍ତି ଏକ ଆଶ୍ୱସ୍ତି ଆଣିଥିଲେ ମଧ୍ୟ, ଏହା ସ୍ପଷ୍ଟ କରିଦେଇଛି ଯେ ଆମେରିକୀୟ ଗଣତନ୍ତ୍ରର ସ୍ଥିରତା ଏବଂ କାର୍ଯ୍ୟକାରିତା ଏବେ ଏକ ଗମ୍ଭୀର ଆହ୍ୱାନର ସମ୍ମୁଖୀନ ।



## ହେ ସଂଗୀତ ସୁଧାକର : ତୁମକୁ କୋଟି ନମସ୍କାର

### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

'୧୯୬୭ ମସିହାର କଥା । ମୁଁ ମୋ ସ୍ତ୍ରୀଙ୍କ ସହିତ ମୋର ପରମପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କରିବାକୁ ଦେଓଘର ଯାଇଥାଏ ।ମତେ ଦେଖିବା କ୍ଷଣି ଶ୍ରୀଶ୍ରୀ ଠାକୁର ଭାବବିହ୍ୱଳ ହୋଇଯାଇ ପାଖକୁ ଡ଼ାକି ବସାଇଲେ ଏବଂ ସଂଗେ ସଂଗେ ପୂର୍ବ ନିର୍ଦ୍ଧାରିତ ମନ୍ତ୍ରୀଙ୍କ ସାକ୍ଷାତକାର କାର୍ଯ୍ୟକ୍ରମକୁ ବାତିଲ କରି ମୋ ଠାରୁ ଗୀତ ଶୁଣିବାକୁ ଇଚ୍ଛା କଲେ। ମୁଁ କେତୋଟି ଓଡ଼ିଆ ଗୀତ, ହିନ୍ଦୀ ଭଜନ ଗାଇ ଶୁଣାଇଲି। ଠାକୁର ଖୁବ୍ ଖୁସି ହେଲେ ଏବଂ ପରଦିନ ପୁଣି ମୋ'ଠାରୁ ଗୀତ ଶୁଣିବେ ବୋଲି କହିଲେ।ମୁଁ ପରଦିନ ଯିବାରୁ ଠାକୁର କବି ଜୟଦେବ କୃତ 'ଗୀତ ଗୋବିନ୍ଦ' ରୁ ଦଶାବତାର ଗାଇବା ପାଇଁ ନିର୍ଦ୍ଦେଶ ଦେଲେ। ମୁଁ ମନପ୍ରାଣ ଦେଇ ଗାଉଥାଏ, ଦଶଟା ପଦରେ ଯେଉଁ ଯେଉଁ ଅବତାରଙ୍କ କଥା ଆସୁଥାଏ, ଠାକୁରଙ୍କ ମୁଖମଣ୍ଡଳରେ ଅନୁରୂପ ପରିବର୍ତ୍ତନ ମଧ୍ୟ ଆସୁଥାଏ। ତାଙ୍କ ଆଖି ଓ କପାଳ ସୁନ୍ଦର ଭାବରେ କୁଞ୍ଚିତ ହୋଇ ବିଭିନ୍ନ ଅବତାରର ଦୃଶ୍ୟରେ ମୋତେ ବିମୋହିତ କରୁଥାଏ। ଯେତେବେଳେ ମୁଁ କଳ୍କୀ ଅବତାର ଗାଇଲି, ସେତେବେଳେ ଠାକୁରଙ୍କ ମୁଖମଣ୍ଡଳର ଭୟାନକ ଦୃଶ୍ୟ ଦେଖି ମୁଁ ଆଉ ଧୈର୍ଯ୍ୟ ଧରି ପାରିଲି ନାହିଁ।ଠାକୁରଙ୍କ ଆଖି ଭିତରୁ ଏକ ଦିବ୍ୟ ଜ୍ୟୋତି ଭାସି ଆସୁଥିଲା। ମୁଁ ଥରିବାକୁ ଲାଗିଲି।ମୋ ତନୁମନରେ ଏକ ଅପୂର୍ବ ଦିବ୍ୟ ପୁଲକ ଖେଳିଗଲା। ମୁଁ ମୁଗ୍ଧ ଚକିତ ହୋଇ ତାଙ୍କ ଶ୍ରୀଚରଣ ତଳେ ଲୋଟି ପଡ଼ିଲି। ଠାକୁର ମୋତେ ବହୁତ ଆଶୀର୍ବାଦ କଲେ। ଏହି ଅଲୌକିକ ଘଟଣାଟି ମୋ ସଂଗୀତକାର ଜୀବନର ସର୍ବଶ୍ରେଷ୍ଠ ଅବିସ୍ମରଣୀୟ ଅନୁଭୂତି।'

ଉପରୋକ୍ତ ଉଦ୍ଧୃତିଟି ଥିଲା ଓଡ଼ିଶାର ସ୍ୱନାମଧନ୍ୟ ସଂଗୀତକାର ସଂଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଅମୂଲ୍ୟ ଜୀବନାନୁଭୂତି ପ୍ରସୂତ ଅମିୟ ଗଦ୍ୟ ଝଙ୍କାରର ସମ୍ମିଳିତ ଶବ୍ଦାବଳୀ।

ସତରେ ବାଳକୃଷ୍ଣ ଦାଶ ଥିଲେ ଉତ୍କଳ ସଂଗୀତ ସାମ୍ରାଜ୍ୟର ଜଣେ ଅପ୍ରତିଦ୍ୱନ୍ଦୀ ସମ୍ରାଟ। ସେ ଜୀବନର ସବୁତକ ଅମୂଲ୍ୟ ସମୟକୁ ସଂଗୀତ ସାଧନାରେ ବିତାଇ ଦେଇଥିଲେ। ଓଡ଼ିଶୀ ସଂଗୀତକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇ ଥିଲେ। ଉତ୍କଳର ସଂଗୀତ ପରମ୍ପରାକୁ ସେ ସ୍ୱୟଂସଂପୂର୍ଣ୍ଣ ତଥା ସର୍ବାଙ୍ଗ ସୁନ୍ଦର କରି ରୂପ ଦେଇଥିଲେ।

ତାଙ୍କ ମୃଦୁବୀପଣିଆର ପବିତ୍ର ପ୍ରୀତିମୟତାକୁ ପାଥେୟ କରି ଗଢ଼ି ଉଠିଥିଲା ଏକ ଅନନ୍ୟ ସଂଗୀତ ପରିବାର। ତାଙ୍କ ସାଧନାଦୀପ୍ତ ତଥା ସଂସ୍କୃତି ସମ୍ପନ୍ନ ଦିବ୍ୟ ଜୀବନ-ପ୍ରବାହ ନାନା ଘାତ ପ୍ରତିଘାତ ମଧ୍ୟରେ ଗତି କରିଥିଲା। ସେ ଥିଲେ ଜଣେ ସୁଯୋଗ୍ୟ ଶିଷ୍ୟ, ଆଦର୍ଶପ୍ରାଣ ଗୁରୁ, ସଫଳ ସଂଗୀତ ନିର୍ଦ୍ଦେଶକ, ସର୍ବଜନାଦୃତ ଗାୟକ, ଧର୍ମପ୍ରାଣ ଭକ୍ତ ସର୍ବୋପରି ଜଣେ ମିଷ୍ଟଭାଷୀ ଦରଦୀ ମଣିଷ। ପୁରୀ ଜିଲ୍ଲାର ବସନ୍ତପେଢ଼ି ଗ୍ରାମରେ ପିତା ଦୀନବନ୍ଧୁ ଦାଶଙ୍କ ଔରସରୁ ମାତା କମଳା ଦେବୀଙ୍କ ଗର୍ଭରୁ ୧୯୨୩ ମସିହାରେ ଜନ୍ମ ଗ୍ରହଣ କରିଥିଲେ ବାଳକୃଷ୍ଣ ଦାଶ ।ଅତି ଛୋଟବେଳୁ ସେ ସଂଗୀତକୁ ନିଜର ସଙ୍ଗୀତ ଭାବରେ ଗ୍ରହଣ କରି ନେଇଥିଲେ। ସଙ୍ଗୀତକୁ ନିଜ ଜୀବନ ପରି ଭଲ ପାଉଥିଲେ। ତାଙ୍କ ସଙ୍ଗୀତମୟ ଜୀବନକୁ ସୁଚାରୁ ରୂପେ ପରିଚାଳନା କରିବାର ଦାୟିତ୍ୱ ବହନ କରିଥିଲେ ଓଡ଼ିଶୀ ସଙ୍ଗୀତ ବିଶାରଦ ଗୁରୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ। ଗୋକୁଳଚନ୍ଦ୍ରଙ୍କ ଶ୍ରଦ୍ଧାଯୁକ୍ତ ଆମ୍ପିୟତା ତାଙ୍କ ପ୍ରତିଭାର ଉତ୍ତରଣକୁ ଅଧିକରୁ ଅଧିକ ସମୃଦ୍ଧି ପଥରେ ଆଗେଇ ନେଇଥିଲା ।ଗୁରୁ ଗୋକୁଳଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ ତିନିଜଣ ଗୁରୁଙ୍କ ଠାରୁ ଯଥାକ୍ରମେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ତଥା ସଙ୍ଗୀତ ନିର୍ଦ୍ଦେଶନା ସମ୍ପର୍କରେ ଶିକ୍ଷାଲାଭ କରିଥିଲେ। ସେମାନେ ହେଲେ ଓସ୍ତାଦ୍ ବଡେ ଗୁଲାମ ଅଲ୍ଲୀ ଖାଁ, ଗୁରୁ କ୍ଷୀତିଶ୍ ଚନ୍ଦ୍ର ମୈତ୍ର ଏବଂ ରାଇଚାନ୍ଦ୍ ବଡାଲ। ବାଳକୃଷ୍ଣ ସଙ୍ଗୀତର ଶୀର୍ଷତମ ସ୍ୱପାନରେ ପହଞ୍ଚି ପାରିଥିଲେ। ତାଙ୍କ ବଳିଷ୍ଠ ସଙ୍ଗୀତ ନିର୍ଦ୍ଦେଶନା ଓଡ଼ିଶାର ସଂଗୀତ ପ୍ରେମୀମାନଙ୍କୁ ଅଗଣିତ ଅମୂଲ୍ୟ ସଙ୍ଗୀତ ଭେଟି ଦେଇଥିଲା। ସେଇ ଲୋକପ୍ରିୟ ଅମୂଲ୍ୟ ସଙ୍ଗୀତର ସୁମଧୁର ସ୍ୱର ଝଙ୍କାର ଏବେ ମଧ୍ୟ ଅନୁରଣିତ ହୁଏ। ତାଙ୍କ 'ଫୁଲ ରସିଆରେ...', ଆଜି ଆକାଶେ କି ରଙ୍ଗ ଲାଗିଲା...',' ଶରଣ ନଦେଲେ ମରଣ ଦିଅ ହେ... ପ୍ରଭୃତି ଲୋକପ୍ରିୟ ଗୀତଗୁଡ଼ିକ ଏବେବି ଆକାଶବାଣୀ, ଦୂରଦର୍ଶନ ତଥା ଅନ୍ୟାନ୍ୟ ଆଧୁନିକ ଗଣମାଧ୍ୟମରେ ତାଙ୍କ ମହନୀୟତାର ମହକକୁ ବିତରୁଛନ୍ତି ।ସେ ଥିଲେ ଆମ ରାଜ୍ୟର ପ୍ରଥମ ଓଡ଼ିଆ, ଯିଏ ସର୍ବପ୍ରଥମେ ଆକାଶବାଣୀ କଲିକତା କେନ୍ଦ୍ରରେ ସଙ୍ଗୀତ ପରିବେଷଣ କରି ସେ ସମୟରେ ଅନେକ ଲୋକପ୍ରିୟତା ଅର୍ଜନ କରିଥିଲେ। ଆକାଶବାଣୀ କଟକରେ ସେ ପ୍ରଥମରୁ ଷ୍ଟାଫ୍ ଆର୍ଟିଷ୍ଟ ଭାବରେ ଯୋଗଦେଇ ବେଶ୍ କିଛିଦିନ ଯାଏଁ ସଫଳତାର ସହ ସଂଗୀତ ପରିବେଷଣ ତଥା ପରିଚାଳନା କରିଥିଲେ। ଆକାଶବାଣୀ ତାଙ୍କ ପ୍ରତିଭା ବିକାଶର ସର୍ବଶ୍ରେଷ୍ଠ ମାଧ୍ୟମ ରୂପେ ପରିଗଣିତ ହୋଇଥିଲା। ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଓଡ଼ିଶୀ ଗବେଷଣା କେନ୍ଦ୍ର, କଳାବିକାଶ କେନ୍ଦ୍ର ସମେତ ବହୁ ପ୍ରତିଷ୍ଠିତ ସଙ୍ଗୀତ ଅନୁଷ୍ଠାନରେ ନିଷ୍ଠାପର ଭାବେ ସଂଗୀତ ଶିକ୍ଷକ ସାଜି ଅନେକ ପ୍ରତିଭାବାନ୍ ସଙ୍ଗୀତ ଶିଳ୍ପୀ ସୃଷ୍ଟି କରିଥିଲେ। ସେ 'ଶ୍ରୀଲୋକନାଥ, ଅମଡ଼ାବାଟ ପ୍ରଭୃତି ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ରରେ ସଫଳତାର ସହ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ପ୍ରତିଭାଦୀପ୍ତ ଜୀବନକୁ ଗୌରବ ବିମଣ୍ଡିତ କରିଥିଲା ବହୁ ସମ୍ବୋଧନ ।ସେ ଥିଲେ ଏକାଧାରରେ ସଂଗୀତ ସୁଧାକର - ସୁରସିଂହାରୀ - ପଦ୍ମକେଶରୀ ବାଳକୃଷ୍ଣ ଦାଶ। ତାଙ୍କ ଜୀବନବ୍ୟାପୀ ସଙ୍ଗୀତ ନିରାଜନାକୁ ସ୍ୱୀକୃତି ଜଣାଇବା ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ବହୁବାର ପୁରସ୍କୃତ କରାଯାଇଛି। ସେ ମଧ୍ୟ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏତତ୍ ବ୍ୟତୀତ 'ଜୟଦେବ' ପୁରସ୍କାର, ମୋହନ ସୁନ୍ଦର ଦେବ ଗୋସ୍ୱାମୀ' ପୁରସ୍କାର,'ତୁଳସୀ' ସମ୍ମାନ, 'ବିଷୁବ ସମ୍ମାନ' ପ୍ରଭୃତି ବହୁ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ଲାଭ କରିଥିଲେ।

ଏବେ ଆମ ସଙ୍ଗୀତ ପାରମ୍ପାରିକ ମହନୀୟତାକୁ ପରିହାର କରି ଅପସଂସ୍କୃତିକୁ ଆପଣେଇ ନେଇଛି । ଶସ୍ତା ସଙ୍ଗୀତର ଜୁଆରରେ ଅତୀତର ବହୁ ଲୋକପ୍ରିୟ ସଙ୍ଗୀତର ସ୍ୱରଲିପି ଏବେ ଲିଭି ଲିଭି ଯାଉଛି। ପାଶ୍ଚ୍ୟାତ ସଙ୍ଗୀତକୁ ଅନୁକରଣ କରୁ କରୁ ଆମ ସଙ୍ଗୀତର ଆଙ୍ଗିକ ଆବେଦନ ଏବେ ବିକଳାଙ୍ଗ ହେବାରେ ଲାଗିଛି। ଆତ୍ମୀୟ ମୂଲ୍ୟବୋଧ ମଧ୍ୟ କଳୁଷିତ ହେବାରେ ଲାଗିଛି। ଆମ ଓଡ଼ିଆ ସଂଗୀତର ଏହି ଘୋର୍ ଦୁର୍ଦ୍ଦିନରେ ଏବେ ବାଳକୃଷ୍ଣଙ୍କ କଥା ବେଶ୍ ମନେ ପଡୁଛି। ତାଙ୍କ କଣ୍ଠ ନିସୃତ କାଳଜୟୀ ସଙ୍ଗୀତ ଗୁଡ଼ିକର ସୁଲଳିତ ସ୍ୱର ଝଙ୍କାର ଏବେ ମଧ୍ୟ ମନପ୍ରାଣକୁ ଛୁଇଁ ଛୁଇଁ ଯାଉଛି। କାଳ ବକ୍ଷରେ ସିନା ହଜି ଯାଇଛି ତାଙ୍କ ରକ୍ତ ମାଂସ ସଙ୍କୁଳ କଳେବର। ହେଲେ, ତାଙ୍କ ଅମର ପ୍ରତିଭାର ମହ ମହ ବାସ୍ନା ଏବେ ଏଠି, ସେଠି, ସବୁଠି ତାଙ୍କ ଉପସ୍ଥିତିକୁ ଜୀବନ୍ମମୟ କରି ତୋଳୁଛି। ଆଜି ନଭେମ୍ବର ୧୩ ତାରିଖ ତାଙ୍କ ଶ୍ରାଦ୍ଧଦିବସ। ତେଣୁ ଆସନ୍ତୁ ଆଜିର ଏହି ପବିତ୍ର ଦିବସରେ ସେଇ ପୁଣ୍ୟାତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ସମ୍ମିଳିତ ଭାବେ ଗାଇ ଉଠିବା - 'ହେ ସଂଗୀତ ସୁଧାକର/ ତୁମକୁ କୋଟି ନମସ୍କାର।'।


+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର,
ଯାଜପୁର,
ମୋ: ୭୨୦୫୯୮୨୪୮୫




## ରାଷ୍ଟ୍ର-ନିର୍ମାତା ନେହରୁ ଓ ଶିଶୁ ଦିବସ

### ଡକ୍ଟର ସୁରେଶ କୁମାର ନାୟକ

ପଣ୍ଡିତ ଜବାହରଲାଲଙ୍କର ପୂର୍ବଜମାନେ ଥିଲେ କାଶ୍ମୀରର ମୂଳ ବାସିନ୍ଦା । ଜାତିରେ ସାରସ୍ୱତ ବ୍ରାହ୍ମଣ । ସେମାନେ ଥିଲେ କୌଲ ସାଙ୍ଗିଆଧାରୀ। ଉଭୟ ସଂସ୍କୃତ ଓ ପାରସୀ ଭାଷାରେ ସେମାନଙ୍କର ଦକ୍ଷତା ଏବଂ ପାଣ୍ଡିତ୍ୟ ଦେଖି ମୁଗଲ୍ ସମ୍ରାଟ ଫରୁଖ ସିୟର ନେହରୁଙ୍କ ଜନୈକ ପୂର୍ବଜଙ୍କୁ ଦିଲ୍ଲୀ ନିମନ୍ତ୍ରିତ କରି ସ୍ଥାୟୀ ଭାବେ ବସବାସ କରିବା ନିମନ୍ତେ ବାସଗୃହ ଓ ଭୂ-ସଂପତ୍ତି ଯୋଗାଇଦେଇଥିଲେ । ନହର ନାମକ କେନାଲ ପାର୍ଶ୍ୱରେ ଜାଗିରି ସ୍ୱରୂପ କେତେକ ଗ୍ରାମ ପ୍ରଦାନ କରିଥିଲେ । ନହର ଜାଗିରି ପାଇବା ପରେ ସେହି ପୂର୍ବଜ ନାମିତ ହୋଇଥିଲେ ରାଜ କୌଲ ନହର ଭାବେ । ପରେ ସେମାନଙ୍କର ମୂଳ ସାଙ୍ଗିଆ ଲୋପ ପାଇବା ସହ ନହର ଅପଭ୍ରଂଶ ହୋଇ ପରିଣତ ହୋଇଥିଲା। ନେହରୁରେ । ନେହରୁଙ୍କ ଜେଜେବାପା ଗଙ୍ଗାଧର ଦିଲ୍ଲୀରେ ବ୍ରିଟିସ ପୁଲିସ୍ ବିଭାଗୀୟ ଉଚ୍ଚପଦାଧିକାରୀ ଥିଲେ । ସିପାହୀ ବିଦ୍ରୋହ ସମୟରେ ତାଙ୍କ ପରିବାର ଦିଲ୍ଲୀ ପରିତ୍ୟାଗ କରି ପ୍ରଥମେ ଆଗ୍ରା ଏବଂ ତା'ପରେ ଚାଲିଆସିଥିଲେ ଆହ୍ଲାବାଦ । ନେହରୁଙ୍କ ପିତା ମୋତୀଲାଲଙ୍କ ଜନ୍ମ ଆହ୍ଲାବାଦରେ ହୋଇଥିଲା । ନେହରୁଙ୍କ ଶୈଶବର ମୁଖ୍ୟ ଭାଗ ଏହ୍ଲାବାଦ ହିଁ କଟିଥିଲା ଆନନ୍ଦ ଭବନ ପ୍ରାସାଦରେ । ପିତା ଥିଲେ ପ୍ରତିଷ୍ଠିତ ଓକିଲ । ଅର୍ଥ ଓ ପ୍ରତିପତ୍ତି ଉଭୟ ଥିଲା । ନେହରୁଙ୍କ ପିଲା ଦିନ କଟିଥିଲା ଚାକ-ଚକ୍ୟ, ବିଳାସ-ବ୍ୟସନ ମଧ୍ୟରେ । ତାଙ୍କର ବାଲ୍ୟଶିକ୍ଷା ବିଦ୍ୟାଳୟ ଶିକ୍ଷା ପର୍ଯ୍ୟାପ୍ତ ନୁହେଁ ବୋଲି ମୋତୀଲାଲ ମନେକରୁଥିଲେ । ପୁଅକୁ ପଢ଼ାଇବା ପାଇଁ ଏକାଧିକ ଦେଶୀ-ବିଦେଶୀ ଘରୋଇ ଶିକ୍ଷକ ନିଯୁକ୍ତି କରିଥିଲେ । ସେମାନଙ୍କ ଭିତରେ ଥିଲେ ୟୁରୋପୀୟ ଶିକ୍ଷକ ଟି ବ୍ରୁକ୍ସ, ଯାହାଙ୍କ ଦ୍ୱାରା ନେହରୁ ସର୍ବାଧିକ ପ୍ରଭାବିତ ହୋଇଥିଲେ । ବ୍ରୁକ୍ସଙ୍କ ପ୍ରଚେଷ୍ଟାରେ ସେ ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଇତିହାସ ପଠନରେ ମନଦେଇଥିଲେ । ଏହା ଦ୍ୱାରା ତାଙ୍କ ଜୀବନଧାରା ମାର୍ଜିତ ହୋଇପାରିଥିଲା । ପରେ ସେ ଲଣ୍ଡନର ହାରୋ ବିଦ୍ୟାଳୟ ଓ କ୍ୟାମ୍ବ୍ରିଜ୍‌ର ଟ୍ରିନିଟି ମହାବିଦ୍ୟାଳୟରେ ପଢ଼ିଥିଲେ । ମହାବିଦ୍ୟାଳୟ ଶିକ୍ଷା ସମାପ୍ତ ହେବା ପରେ ଲଣ୍ଡନରେ ଆଇନ ମଧ୍ୟ ପାଠ କରିଥିଲେ । ପ୍ରଥମେ ଆଇନକୁ ପେସା କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ହେଁ ପରେ ସେଥିରୁ ଓହରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅନ୍ୟତମ ପ୍ରିୟ ଶିଷ୍ୟ ଥିଲେ ସେ । ଗାନ୍ଧୀଙ୍କ ଇଚ୍ଛା କ୍ରମେ ତାଙ୍କୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଦ ମିଳିଥିଲା । ଆଉ ସେ ଭାରତୀୟଙ୍କୁ ହତାଶ କରି ନଥିଲେ । ତାଙ୍କ ଉଦ୍ୟମରେ ସ୍ୱାଧୀନତାର ତିନିବର୍ଷ ମଧ୍ୟରେ ଭାରତ ଏକ ଗଣତନ୍ତ୍ରରେ ପରିଣତ ହୋଇଥିଲା । ଭାରତୀୟମାନେ ପାଇଥିଲେ ଏକ ବଳିଷ୍ଠ ସମ୍ବିଧାନ; ଯାହା ଯୋଗୁଁ ଆମେ ସଗର୍ବେ ସ୍ୱାଧୀନ ମତ ପୋଷଣ କରିପାରୁଛେ । କୃଷି ଓ ଶିଳ୍ପ ଉଭୟ ବିକାଶକୁ ସେ ପ୍ରାଥମିକତା ପ୍ରଦାନ କରିଥିଲେ । ପୁଣି ରାଷ୍ଟ୍ରକୁ ଶକ୍ତିଶାଳୀ କରିବା ନିମନ୍ତେ ଆଣବିକ କାର୍ଯ୍ୟକ୍ରମ ମାନ ଆରମ୍ଭ କରିଥିଲେ । ତାଙ୍କ ବୈଦେଶିକ ନୀତି ମଧ୍ୟ ଆଖିଦୃଶିଆ ଥିଲା । ଏକ ସଙ୍ଗେ ଦୁଇ ପରସ୍ପର ବିରୋଧୀ ମହାଶକ୍ତି ରସିଆ ଓ ଆମେରିକା ସହ ବନ୍ଧୁତା ସ୍ଥାପନ ହୋଇଥିଲା । ତତ୍କାଳୀନ ଶୀତଳ ଯୁଦ୍ଧ ଠାରୁ ଦୂରେଇ ନେହରୁ ଏକ ନିରପେକ୍ଷ ବିଶ୍ୱ ଶକ୍ତିର କଳ୍ପନା କରିଥିଲେ ଏବଂ ଜନ୍ମ ନେଇଥିଲେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ନାମ୍ । ସେ ଥିଲେ ବିଚକ୍ଷଣ ଶାନ୍ତିକାମୀ ରାଜନୀତିଜ୍ଞ । ବିଶ୍ୱର ଅନେକ ରାଷ୍ଟ୍ରରେ ବର୍ଷର ଭିନ୍ନ ଭିନ୍ନ ଦିନରେ ଶିଶୁ ଦିବସ ପାଳନ କରାଯାଏ । ୨୩ ଏପ୍ରିଲ ୧୯୨୦ରେ ତୁର୍କିରୁ ପ୍ରଥମ ଥର ପାଇଁ ଶିଶୁ ଦିବସ ପାଳନ ଆରମ୍ଭ ହୋଇଥିଲା । ତାହା ଦେଖି ଅନେକ ରାଷ୍ଟ୍ର ଶିଶୁ ଦିବସ ପାଳନ କରିବା ନିମନ୍ତେ ଆଗ୍ରହୀ ହୋଇ ଦିନ ସ୍ଥିର କରିଥିଲେ । ପ୍ରତି ବର୍ଷ ଜୁନ୍ ୧ ତାରିଖରେ ପାଳନ କରାଯାଏ ଅନ୍ତର୍ଜାତୀୟ ଶିଶୁ ଦିବସ । ସେହିପରି ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଏ ନଭେମ୍ବର ୨୦ରେ । ଭାରତ ବର୍ଷରେ ୧୪ ନଭେମ୍ବରରେ ଶିଶୁ ଦିବସ ପାଳନ କରାଯାଉଛି । ୧୮୮୯ ନଭେମ୍ବର ଏହି ଦିନରେ ଏହ୍ଲାବାଦରେ ଜନ୍ମ ଗ୍ରହଣ କରିଥିଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁ । ସେ ପିଲାମାନଙ୍କୁ ଭଲ ପାଉଥିଲେ । ପିଲାଙ୍କ ଗହଣରେ ରହିବାକୁ, ସମୟ ବିତାଇବାକୁ ପସନ୍ଦ କରୁଥିଲେ । ଅବସର ସମୟରେ ପିଲାଙ୍କ ସହ ଖେଳୁଥିଲେ, ଗୀତ ଗାଉଥିଲେ ଏବଂ ସେମାନଙ୍କୁ ଗପ ଶୁଣାଉଥିଲେ । ପିଲାମାନେ ଶ୍ରଦ୍ଧାରେ ତାଙ୍କୁ ଡାକୁଥିଲେ ଚାଚା ନେହରୁ । ସେ ସର୍ବଦା କହୁଥିଲେ ଭାରତର ଭବିଷ୍ୟତ ଆଜିର ପିଲାଙ୍କ ହାତରେ । ୧୯୬୪ରେ ଏହି ଗାନ୍ଧୀବାଦୀ, ଶାନ୍ତିକାମୀ ରାଷ୍ଟ୍ରନାୟକଙ୍କ ମୃତ୍ୟୁ ପରଠାରୁ ପ୍ରତି ବର୍ଷ ତାଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି । ଆଜି ଶିଶୁ ଦିବସ ଅବସରରେ ଏ ଦୁନିଆର କୋଟି କୋଟି ଶିଶୁଙ୍କ ସର୍ବମଙ୍ଗଳ ହେଉ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ପ୍ରଗତି ହେଉ, ସେମାନଙ୍କର ସର୍ବାନ୍ତକରଣ ଖୁସି ସେମାନଙ୍କ ଜୀବନକୁ ଆହୁରି ଆନନ୍ଦମୟ କରି ଏହା ହିଁ କାମନା।




+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ


## ଧନ ନୁହେଁ ମୂଳଧନ ଦିଅ

### ଗୀତାରାଣୀ ପୁରୀ

ସମଗ୍ର ମାନବ ଜାତିର ଆଦି ଗ୍ରନ୍ଥ, 'ବେଦ' । ଏହା ଚାରି ଗୋଟି ଯଥା- ଋକ୍, ଯଜୁଃ, ସାମ ଓ ଅଥର୍ବ । ମୋଟ ୨୦୩୭୯ଟି ମନ୍ତ୍ର (କୋଡ଼ିଏ ହଜାର ତିନିଶହ ଅଣାଅଶି) ଚାରି ବେଦରେ ବର୍ଣ୍ଣିତ ହୋଇଛି । ଋକ୍ ବେଦରେ ଜ୍ଞାନ, ଯଜୁଃ ବେଦରେ କର୍ମକାଣ୍ଡ, ସାମ ବେଦରେ ଉପାସନାର ମନ୍ତ୍ର ତଥା ଅଥର୍ବ ବେଦରେ ବିଜ୍ଞାନ ବିଷୟରେ ଜାଣିବାକୁ ମିଳିଥାଏ ।

ବେଦ ଈଶ୍ୱରଙ୍କର ମୁଖ ନିସୃତ ବାଣୀ, ତେଣୁ ଏହାକୁ ଅପୌରୁଷେୟ ଗ୍ରନ୍ଥ ବୋଲି ଆସ୍ତିକମାନେ ମତ ପ୍ରଦାନ କରିଥାନ୍ତି । ଶୁଣିଶୁଣି ମନେ ରଖା ଯାଉଥିବାରୁ ଏହାର ଅନ୍ୟ ନାମ ଶ୍ରୁତି । ବେଦ ଏକ କଠିନ ଗ୍ରନ୍ଥ । କାରଣ ବେଦର ଗୋଟିଏ ଗୋଟିଏ ଶବ୍ଦର ଭିନ୍ନ ଭିନ୍ନ ପ୍ରକାର ଅର୍ଥ ବୁଝା ପଡ଼ିଥାଏ । ତେଣୁ ସ୍ଥଳ ବିଶେଷରେ ଏହାର ବ୍ୟବହାର କରାଯାଇଥାଏ ।

ଈଶ୍ୱରାଭିମୁଖୀ ହେବା ପାଇଁ ବା ଧର୍ମର କଥା ଲାଭ କରିବା ପାଇଁ ଆମକୁ ଈଶ୍ୱରଙ୍କର ନିକଟତମ ହେବା ପାଇଁ ପଡ଼ିବ । ତେଣୁ ସାମ ବେଦ ବା ଉପାସନାର ବେଦ ମନ୍ତ୍ରକୁ ଗାନ କରିବା ବିଧେୟ ବୋଲି ମନେ ହୁଏ ।

ଏଠାରେ ସାମ ବେଦର ମନ୍ତ୍ରକୁ ବ୍ୟାଖ୍ୟା କରିବା ପୂର୍ବକ ପ୍ରଥମେ ସେହି ସର୍ବଜ୍ଞ ସର୍ବଶକ୍ତିମାନ, ନ୍ୟାୟକାରୀ, ଦୟାଳୁ ସଚ୍ଚିଦାନନ୍ଦ ସ୍ୱରୂପ ପରମପିତା ପରମେଶ୍ୱରଙ୍କୁ କୋଟି କୋଟି ପ୍ରଣାମ ଜଣାଉଅଛି ।

ଯଦ୍ୱୀଡ଼ାବିନ୍ଦ୍ର ଯତ୍ ସ୍ଥିରେ ଯତ୍ପର୍ଶାନେ ପରାଭୃତମ୍ ବସୁ ସ୍ପାର୍ହଂ ତଦା ଭର ।

॥ ପୂ-୩,୧,୨,୪॥ (ତ୍ରିଶୋକଃ । ଇନ୍ଦ୍ରଃ । ଗାୟତ୍ରୀ । ଷଡ଼ଜଃ)

ହେ ପ୍ରଭୁ, ହେ ଐଶ୍ୱର୍ଯ୍ୟଶାଳୀ ଭଗବାନ୍, ମୁଁ ଏଭଳି ଧନ ଆପଣଙ୍କ ଠାରୁ ପ୍ରାପ୍ତ ହେବା ପାଇଁ ଚାହେଁ, ଯାହାକୁ ମହାଧନ କୁହାଯାଏ । ସେହି ମହାଧନ ସାମର୍ଥ୍ୟ, ସାହସ, ଧୈର୍ଯ୍ୟ ଓ ଗାମ୍ଭୀର୍ଯ୍ୟରେ ପରିପୂର୍ଣ୍ଣ । ସେସବୁର ଅଭାବରେ ଯଶକୀର୍ତ୍ତି ମୂଲ୍ୟହୀନ ହୋଇପଡ଼େ ।

ହେ ପରମାତ୍ମା ପରମେଶ୍ୱର ମୋର ହୃଦୟରେ ନିର୍ଭିକତା, ସରଳତା, ଦୟାଭାବ ଓ ପବିତ୍ରତାର ମହାଧନ ପୂର୍ଣ୍ଣକର ।

ହେ ନାଥ, ଜଣେ ବିଚାରଶୀଳ ମନୁଷ୍ୟର ମେଧା ଯେଉଁ ଦେଦୀପ୍ୟମାନ ଜ୍ଞାନ ଧନରେ ବିଭୂଷିତ, ମୁଁ ସେହି ଶ୍ରେଷ୍ଠ ମେଧା ପାଇଁ ଆକାଂକ୍ଷିତ ଏବଂ ସେଥିରେ ଧନୀ ହୋଇ ମୋର ଜୀବନକୁ ସାର୍ଥକ କରିବି ।

ହେ ଈଶ୍ୱର ମୋତେ ସେହି ମୂଳଧନ ଦିଅ ।


+ ବାଲେଶ୍ୱର





### ଶୀତ

#### ଜଗତ ବନ୍ଧୁ ଆଚାର୍ଯ୍ୟ

ଗୋଟିଏ ରାତିରେ
ଓଲଟ ପାଲଟ କରିଦେଲା ସବୁକିଛି,
କଅଁଳ କନିଶିରାପତ୍ରରୁ
ଠପ, ଠପ ବୋହି ପଡିଥିଲା କାକର ।
ଧୂଆଁଳିଆ ସକାଳରେ
ମୁହଁମାନେ ହଜିଯାଇଥିଲେ,
ହତବାକ ହୋଇଯାଇଥିଲା
ବିଶ୍ୱସ୍ତ ଜୀବନ !
ଏବେତ' ଦେହ ଢାଙ୍କିବାର ବେଳ !
'ଉତ୍ତର' ଦିଗକୁ ଦୂରରୁ ଜୁହାର ।
ସକାଳକୁ ବାମ୍ଫ ଉଠା ଚା'ସହ
ନୂତନ ପ୍ରଣୟ /
ସାରାରାତି କମ୍ବଳ ଘୋଡାଇହୋଇ
ନିଝୁମ ନିଦରେ,
ଶୋଇଶୋଇ ବେହାଲ ମଣିଷ
ସ୍ୱପ୍ନ ଦେଖିଦେଖି ଥକି ଯାଏ ନିଦ ।
ପାହାନ୍ତା ପହରରୁ ମଧ୍ୟାହ୍ନଯାଏ
ଉଷୁମ ଖୋଜି ଏପଟ ସେପଟ,
ଦରାଣ୍ଡି ହୁଏ ଜୀବନ ଖରାତଳ,
ନଈପଠା, ଚୂନାରୋଟି
ଏବଂ ଗରମ ମାଂସର ଝୋଳ ।
ଶୀତ ନୂଆ ହୋଇ ଆସେ
ନବ ବଧୂପରି,
ଓଢଣାଟାଣି, ଝରା ଝରା ଲାଜମାଖି,
ମୁହଁ ଅନ୍ଧାରରେ ଏକ
ନିରୋଳା ସଞ୍ଜରେ,
ଚପଳନୟନେ ଭରି,
ପ୍ରୀତିଫୁଲ ଝରି ।
ଶୀତ ଆସେ, ଗୀତ ଗାଇ ଗାଇ
ମିତ ବସେ ପରାଣ କୁଞ୍ଜରେ ବାଇ
ବଇଁଶୀର ଉଚ୍ଛୁଳା ସଂଗୀତ ।
ଛାତି ତଳେ ବାଉଳା ବସନ୍ତ ପାଇଁ
ପ୍ରତୀକ୍ଷାର ଦିହୁଡି ଜଳାଇ ।
ଦିନ ଏବେ ସରାଗ ସଂଭୂତ
ରାତି ଏବେଅମୃତ ବସନ୍ତ।
ଶୀତ ଏକ ସମ୍ଭାବନା
ଜୀବନର ଅଭୁଲା ଗଜଲସୁରେ
ହାତ ଠାରି ଡାକେ ପ୍ରାଣ ପ୍ରିୟା !
ହୃଦୟର ଦିଆ ନିଆ ଛନକାବାସନା
ଏକ ନିଃସର୍ତ୍ତ ଦୁନିଆ ।


+ବାଲେଶ୍ୱର


### ଗୋଲାପ ତାଙ୍କର ପ୍ରିୟ ଫୁଲ

#### ସନ୍ତୋଷ କୁମାର ଅଦାବର

ପ୍ରଥମ ପ୍ରଧାନମନ୍ତ୍ରୀ ସେ ଅଟନ୍ତି
ଆମ ଭାରତବର୍ଷର
ଚାଚା ନେହେରୁ ନାମେ ସେ ଜଣାଶୁଣା
ଅଟନ୍ତି ପ୍ରିୟ ଆମର ।।

ଗୋଲାପ ଫୁଲଟେ ଲଗାଉଥିଲେ ସେ
ସର୍ବଦା ତାଙ୍କ କୋଟରେ
ସତେଜ ଗୋଲାପ ଶିଶୁ ହସ ପରି
ହସୁଥିଲା ଧିରେ ଧିରେ ।।
ଶିଶୁଟିଏ ଥରେ ଦେଇଥିଲା ତାଙ୍କୁ
ଶ୍ରଦ୍ଧାରେ ଗୋଲାପ ଫୁଲ
ସେ ଦିନଠୁ ଗୋଲାପକୁ ସେ ଭାବିଲେ
ଶିଶୁ ଭଳି ସୁକୋମଳ ।।
ଆଜିର ଶିଶୁଟି ଆସନ୍ତାକାଲିର
ହୋଇବ ସେ ନାଗରିକ
ଦେଶ ନିର୍ମାଣରେ ତାହାରି ଭୂମିକା
ରହିଅଛି ଯେ ଅନେକ ।।

ସେପାଇଁ ଶିଶୁକୁ ଅତି ଯତନରେ
ଗଢ଼ିବା ମନ ଲଗାଇ
ସତେଜ ଗୋଲାପ ଭଳି ସୁନ୍ଦରତା
ହୋଇ ଚମକିବ ସେହି ।।
ତା'ରି ମହକରେ ମହକାଇ ଦେବ
ସାରା ସଂସାରକୁ ଜାଣ
ଅଧିକାର,ଦାୟିତ୍ୱ ଆଉ ଶିକ୍ଷାକୁ
ତାକୁ କରିବା ପ୍ରଦାନ ।।


+ସୁବର୍ଣ୍ଣପୁର,
ମୋ-୯୭୭୭୯୧୦୭୨୮

# କୌଣସି ଫିଲ୍ମ ନକରି ବି ଏତେ କୋଟିର ମାଲିକ ଆରୟନ ଖାନ୍



ବଲିଉଡ୍‌ରେ କିଙ୍ଗ୍ ଖାନ୍ ଶାହରୁଖଙ୍କ ପୁଅ ୨୮ ବର୍ଷୀୟ ଆରୟନ ଖାନଙ୍କ କ୍ରେଜ କିଛି କମ ନୁହେଁ। ନିର୍ଦ୍ଦେଶକ ଭାବରେ କ୍ୟାରିଅର ଆରମ୍ଭ କରିଥିବା ଆରୟନ କେବଳ ଷ୍ଟାର କିଡ୍ ନୁହଁନ୍ତି ବରଂ ସେ ବଲିଉଡର ଧନୀ ଷ୍ଟାର କିଡ୍‌ମାନଙ୍କ ମଧ୍ୟରୁ ଜଣେ ମଧ୍ୟ। କେଉଁଣସି ଫିଲ୍ମରେ ମୁଖ୍ୟ ଅଭିନେତା ଭାବେ କାମ ନକରି ବି ସେ ଅନେକ ଲୋକପ୍ରିୟ କଳାକାରଙ୍କଠାରୁ ଅଧିକ ଧନୀ। ପିତା କିଙ୍ଗ ଖାନ ଅଭିନୟ ମାଧ୍ୟମରେ ବଲିଉଡରେ ଶୀର୍ଷସ୍ଥାନ ହାସଲ କରିଥିବା ବେଳେ ଆରୟନ ନିର୍ଦ୍ଦେଶକ ଭାବରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ମୁମ୍ବାଇରେ ୧୯୯୭ ମସିହାରେ ଜନ୍ମଗ୍ରହଣ କରିଥିବା ଆରୟନ ଧିରୁଭାଇ ଅମ୍ବାନୀ ସ୍କୁଲରୁ ନିଜର ସ୍କୁଲ ପାଠପଢା ଆରମ୍ଭ କରିଥିଲେ। ତା'ପରେ ସେ ଲଣ୍ଡନର ସେଭେନୋକ୍ସ ସ୍କୁଲରେ ପଢିଥିଲେ। ଏହା ପରେ ସେ ଦକ୍ଷିଣ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର **USC School of Cinematic Arts**ରୁ ଫିଲ୍ମ ଏବଂ ଟେଲିଭିଜନ ପ୍ରଡକ୍ସନରେ ଡିଗ୍ରୀ ହାସଲ କରିଥିଲେ। ଡିଗ୍ରୀ ହାସଲ କରିବା ପରେ ଆରୟନ ଖାନ ତାଙ୍କ ପ୍ରଥମ ନେଟଫ୍ଲିକ୍ସ ସିରିଜ୍, ଦି ବ୍ୟାଡ୍ସ ଅଫ୍ ବଲିଉଡ୍ ପାଇଁ କାମ କରିବା ଆରମ୍ଭ କରିଥିଲେ। ଏହି ସିରିଜ୍ ରିଲିଜ୍ ହେବା ପରେ ଆରୟନଙ୍କ ନିର୍ଦ୍ଦେଶନାକୁ ବେଶ୍ ପ୍ରଶଂସା କରାଯାଇଥିଲା । ତେବେ ଆରୟନ କେବଳ ଜଣେ ନିର୍ଦ୍ଦେଶକ ନୁହଁନ୍ତି, ସେ ଜଣେ ସଫଳ ଉଦ୍ୟୋଗୀ ମଧ୍ୟ। ୨୦୨୨ ମସିହାରେ ସେ ନିଜର ଏକ ବିଳାସପୂର୍ଣ୍ଣ ବ୍ରାଣ୍ଡ **D'YAVOL** ଲଞ୍ଚ କରିଥିଲେ । ବ୍ରାଣ୍ଡ ଲଞ୍ଚ ହେବା ପରେ ପୋଷାକର ଦାମ୍‌କୁ ନେଇ ତାଙ୍କୁ ଟ୍ରୋଲ କରାଯାଇଥିଲା। ତାଙ୍କ ବ୍ରାଣ୍ଡର ଜ୍ୟାକେଟ୍‌ର ମୂଲ୍ୟ ୨୦୦,୦୦୦ ଟଙ୍କା ରହିଥିବା ବେଳେ ଟି-ସାର୍ଟର ମୂଲ୍ୟ ୨୪,୪୦୦ ଟଙ୍କା ରହିଥିଲା। ଅଧିକ ଦାମ୍ ସତ୍ତ୍ୱେ ପ୍ରଥମେ ସମାଲୋଚନାର ଶିକାର ହୋଇଥିବା ଆରୟନଙ୍କୁ ଏଥିରେ ସଫଳତା ମିଳିବା ଆରମ୍ଭ ହୋଇଥିଲା। ଯଦି ଆମେ ତାଙ୍କ ସମ୍ପତ୍ତି ବିଷୟରେ କହିବା ତେବେ ସେ ମୋଟ ୮୦କୋଟିର ମାଲିକ ହେବେ। ତାଙ୍କ ପାଖରେ ସ୍ପୋର୍ଟସ୍ କାର ବ୍ୟତୀତ **Audi A6, BMW 730 LD, Mercedes GLS 350D, GLE 43 AMG Coup**ର ଭଳି ଅନେକ ବିଳାସପୂର୍ଣ୍ଣ କାର ରହିଛି ।



# ଗର୍ଭବତୀ ହେବା ପରେ ବିବାହ ବିଷୟରେ ଜଣାଇଥିଲେ ଜୁହି

୯୦ଦଶକର ଲୋକପ୍ରିୟ ଅଭିନେତ୍ରୀ ଜୁହି ଚାୱଲା ଆଜି ତାଙ୍କର ୫୮ତମ ଜନ୍ମଦିନ ପାଳନ କରୁଛନ୍ତି। ୯୦ଦଶକରେ ମୁଖ୍ୟ ଅଭିନେତ୍ରୀ ଭାବେ ସର୍ବାଧିକ ପାରିଶ୍ରମିକ ନେଉଥିବା ଜୁହି, ଜୟ ମେହେତାଙ୍କୁ ଗୁପ୍ତ ଭାବରେ ବିବାହ କରିଥିଲେ। ବିବାହ ପରେ ଯେତେବେଳେ ସେ ଗର୍ଭବତୀ ହୋଇଥିଲେ ସେତେବେଳେ ସେ ତାଙ୍କ ବିବାହକୁ ସାର୍ବଜନୀନ କରିଥିଲେ। ୧୯୯୫ରେ ସେ ବିବାହ କରିଥିବା ବେଳେ ୨୦୦୧ରେ ସେ ବିବାହିତ ବୋଲି ଜଣାପଡ଼ିଥିଲା। ଅଭିନେତ୍ରୀ କାହିଁକି ଏପରି କରିଥିଲେ ଆସନ୍ତୁ ଜାଣିବା।

୧୯୮୪ ମସିହାରେ ଗସସ୍ୱସ୍ୱ ଓଭୟସବ ଜିତିବାଠାରୁ ଆରମ୍ଭ କରି ବଲିଉଡକୁ ଅନେକ ସୁପରହିଟ୍ ଫିଲ୍ମ ଦେଇଥିବା ଅଭିନେତ୍ରୀ ଜୁହି ଚାୱଲାଙ୍କର ଆଜି ଜନ୍ମଦିନ। ହରିୟାଣାର ଅମ୍ବାଲାରେ ଜନ୍ମଗ୍ରହଣ କରିଥିବା ଅଭିନେତ୍ରୀ ଜୁହି ୫୮ବର୍ଷ ବୟସରେ ପାଦ ଦେଇଛନ୍ତି। ୧୩ ନଭେମ୍ବର, ୧୯୬୭ରେ ଜନ୍ମଗ୍ରହଣ କରିଥିବା ଜୁହି ଚାୱଲା ଅନେକ ବର୍ଷ ଧରି ଦର୍ଶକଙ୍କୁ ମନୋରଞ୍ଜନ କରି ଆସୁଛନ୍ତି। ସେ ଜଣେ ପ୍ରତିଭାବାନ ଅଭିନେତ୍ରୀ ହେବା ସହ ଜଣେ ପ୍ରଯୋଜିକା ଏବଂ ଉଦ୍ୟୋଗୀ ମଧ୍ୟ। ତେବେ ସେସିଆଲ ମିଡିଆରେ ସବୁବେଳେ ସକ୍ରିୟ ରହୁଥିବା ଜୁହି ନିଜ ବ୍ୟକ୍ତିଗତ ଜୀବନକୁ ସବୁବେଳେ ଲାଇମଲାଇଟରୁ ଦୂରରେ ରଖନ୍ତି। ଜୁହି ୩୦ ବର୍ଷ ତଳେ ୧୯୯୫ ମସିହାରେ ବିଶିଷ୍ଟ ଶିଳ୍ପପତି ଜୟ ମେହେତାଙ୍କୁ ପ୍ରେମ ବିବାହ କରିଥିଲେ। ୨୦୦୧ ମସିହାରେ ଯେତେବେଳ ସେ ତାଙ୍କ ପ୍ରଥମ ଝିଅ ଜାହ୍ନବୀ ମେହେତାଙ୍କୁ ଜନ୍ମ କରିବାକୁ ଯାଉଥିଲେ ସେତେବେଳେ ସେ ତାଙ୍କ ବିବାହ କଥା ପରିପ୍ରକାଶ କରିଥିଲେ । ପ୍ରଥମ ଥର ପାଇଁ ଜୁହି, ଜୟ ମେହେତାଙ୍କୁ ଏକ ରାତ୍ରୀଭୋଜନରେ ଭେଟିଥିଲେ। ସେତେବେଳେ ଜୟ ତାଙ୍କ ପ୍ରଥମ ପତ୍ନୀ ସୁଜାତା ବିର୍ଲାଙ୍କୁ ହରାଇ ଦୁଖରେ ଥିଲେ। ୧୯୯୦ ମସିହାରେ ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍ ୬୦୫ର ଦୁର୍ଘଟଣାରେ ସୁଜାତା ବିର୍ଲାଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁଃଖଦ ଦୁର୍ଘଟଣା ପରେ ଜୟ ଏକା ହୋଇଯାଇଥିଲେ। ଏହି ସମୟରେ ତାଙ୍କ ଅନ୍ଧକାର ଜୀବନରେ ଆଲୋକ ହୋଇ ପ୍ରବେଶ କରିଥିଲେ ଜୁହି। ପ୍ରଥମ ଦେଖାରେ ବନ୍ଧୁ ହେବା ସହ କିଛି ମାସ ପରେ ଦୁହେଁ ପ୍ରେମରେ ପଡ଼ିଥିଲେ। ୧୯୯୫ରେ ଦୁହେଁ ବିବାହ କରିଥିଲେ ବି ୨୦୦୧ପର୍ଯ୍ୟନ୍ତ କେହି ଏହା ବିଷୟରେ ଜାଣିନଥିଲେ। ଜୁହି ଏକ ସାକ୍ଷାତକାରରେ ଏଭଳି ବିବାହ ବିଷୟରେ ଲୁଚାଇବା ପଛର କାରଣ ଜଣାଇଥିଲେ। ସେ କହିଥିଲେ ଯେ, 'ଜୟ ମୋତେ ବିବାହ ପ୍ରସ୍ତାବ ଦେବା ପାଇଁ ଟ୍ରକରେ ଗୋଲାପ ଫୁଲ ଭରି ମୋ ପାଖକୁ ପଠାଇଥିଲେ। ମୁଁ ଜୟଙ୍କୁ ବିବାହ ପାଇଁ ହଁ କହିବାକୁ ବର୍ଷେ ସମୟ ନେଇଥିଲି। ଯେତେବେଳେ ଜୟ ମୋତେ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ ସେତେବେଳେ ମୁଁ ମୋ କ୍ୟାରିଅରର ଶୀର୍ଷରେ ଥିଲି। ମୋର ସବୁ ଚଳଚିତ୍ର ସଫଳତାର ଶୀର୍ଷରେ ପହଁଞ୍ଚୁଥିଲା। ଏମଧ୍ୟରେ ବିବାହ କଲେ ମୋ କ୍ୟାରିଅରେ ପ୍ରଭାବ ପକାଇବ ଏବଂ ମୁଁ ସବୁକିଛି ହରାଇ ବସିବି ବୋଲି ଭାବି ବିବାହ କରିବାକୁ ଚାହୁଁନଥିଲି। କିନ୍ତୁ ପରେ ଗୋପନ କରି ବିବାହ କରିବୁ ବୋଲି ଆମେ ନିଷ୍ପତ୍ତି ନେଇଥିଲୁ।'



# ଲାଜ ଲାଗୁନି? ଘରେ ବାପା-ମା' ନାହାନ୍ତି?

ଦେହାନ୍ତ ହୋଇଥିବା ନେଇ ଗୁଜବ ପ୍ରଚାର ହେବା ମଧ୍ୟରେ ବରିଷ୍ଠ ଅଭିନେତା ଧର୍ମେନ୍ଦ୍ରଙ୍କୁ ବୁଧବାର ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। ଏବେ ସେ ଘରକୁ ଫେରି ଆସି ପରିବାର ସହ ସମୟ ବିତାଉଛନ୍ତି। ଘରେ ତାଙ୍କର ଚିକିତ୍ସା ଚାଲିଛି। ପରିବାର ଏବେ ଧର୍ମେନ୍ଦ୍ରଙ୍କୁ ନେଇ ଚିନ୍ତାରେ ଥିବା ବେଳେ ଧର୍ମେନ୍ଦ୍ରଙ୍କ ପୁଅ ତଥା ବଲିଉଡ ଅଭିନେତା ସନ୍ନି ଦେଓଲ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ବିରକ୍ତି ପ୍ରକାଶ କରିଥିବା ଦେଖାଯାଇଛି। ନଭେମ୍ବର ୧୩ ତାରିଖ ସକାଳେ ସନ୍ନି ଦେଓଲ ଘର ବାହାରକୁ ଆସି ଗଣମାଧ୍ୟମ ପ୍ରତିନିଧିଙ୍କୁ ରାଗିଥିବାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ହାତ ଯୋଡ଼ି ସେ ଘର ବାହାରେ ଛିଡ଼ା ହୋଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ରାଗିଥିବା ଦେଖାଯାଇଛି।

ଆଜି ସକାଳେ ଫଟୋଗ୍ରାଫରମାନେ ସେମାନଙ୍କ ବାସଭବନ ବାହାରେ ଏକାଠି ହୋଇ ଗହଳି କରିବା ଦେଖି ସନ୍ନି ବାହାରକୁ ଆସି ବିରକ୍ତ ହୋଇଥିଲେ। ସେ ହାତ ଯୋଡ଼ି ଫଟୋଗ୍ରାଫରଙ୍କୁ କହିଥିଲେ, 'ଆପଣମାନଙ୍କୁ ଲାଜ ଲାଗିବା କଥା। ଆପଣମାନଙ୍କ ଘରେ ବାପା-ମା' ଅଛନ୍ତି ତ? ଆପଣମାନଙ୍କ ପିଲା ଅଛନ୍ତି ତ? ଲାଜ ଲାଗିବା କଥା।' ତେବେ ଧର୍ମେନ୍ଦ୍ରଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରୁ ବୁଧବାର ଡିସଚାର୍ଜ କରାଯାଇଥିଲା। ଜୀବନ ପାଇଁ ଦୀର୍ଘ ସଂଘର୍ଷ ପରେ ହି-ମ୍ୟାନ୍ ଘରକୁ ଫେରିଥିଲେ। ଖବର ଅନୁଯାୟୀ, ଧର୍ମେନ୍ଦ୍ରଙ୍କ ପରିବାର ତାଙ୍କୁ ହସ୍ପିଟାଲରୁ ଘରକୁ ନେବାକୁ ନିଷ୍ପତ୍ତି ନେଇଥିଲେ। ବ୍ରିଚ୍ କ୍ୟାଣ୍ଡିର ଡାକ୍ତରମାନେ ଅଭିନେତାଙ୍କୁ ଡିସଚାର୍ଜ କରିବାକୁ ପରାମର୍ଶ ଦେବା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇଛନ୍ତି।ମୃତ୍ୟୁ ନେଇ ଗୁଜବ ସୃଷ୍ଟି ହୋଇଥିଲା ମଙ୍ଗଳବାର ସୋସିଆଲ ମିଡିଆରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁର ଗୁଜବ ଭାଇରାଲ ହୋଇଥିଲା, ଯାହା ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା। ଏହି ଗୁଜବ ପରେ, ହେମା ମାଳିନୀ ଏଭଳି ଭୁଲ୍ ଖବର ପ୍ରଚାର କରୁଥିବା ଲୋକଙ୍କୁ କଡ଼ା ସମାଲୋଚନା କରିଥିଲେ ଏବଂ ଟ୍ୱିଟ୍ କରିଥିଲେ ଯେ, ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଛି ଏବଂ ସେ ସ୍ଥିର ଅଛନ୍ତି। ହେମା ମାଳିନୀଙ୍କ ପୂର୍ବରୁ, ଧର୍ମେନ୍ଦ୍ରଙ୍କ ଝିଅ ଈଶା ଦେଓଲ ମଧ୍ୟ ଇନଷ୍ଟାଗ୍ରାମରେ ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ସେୟାର କରିଥିଲେ।



# ଇଣ୍ଟରନେଟ୍‌ର ନୂଆ କ୍ରସ୍ 'ଗିରିଜା'

ମରାଠୀ ଓ ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତ୍ରୀ ଗିରିଜା ଓକ୍ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇ ଇଣ୍ଟରନେଟ୍‌ର ନୂଆ 'କ୍ରସ୍' ପାଲଟିଛନ୍ତି। ଏକ ସାକ୍ଷାତକାରରେ ସେ ନୀଳ ରଙ୍ଗର ଶାଢ଼ୀ ପିନ୍ଧିଥିବାର ଏକ ଭିଡିଓ କ୍ଲିପ୍ ଭାଇରାଲ୍ ହେବା ପରେ, ତାଙ୍କର ସୌନ୍ଦର୍ଯ୍ୟ ଓ ସରଳତା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭାଇରାଲ୍ ଭିଡିଓରେ ଗିରିଜା ନିଜ ଜୀବନର କିଛି ଅନୁଭୂତି ବର୍ଣ୍ଣନା କରୁଛନ୍ତି, ଯେଉଁଥିରେ ତାଙ୍କର ଫିଜିକ୍ସ ଶିକ୍ଷକ 'ଙବଙ୍ଖରସ୍ୱ' ଶବ୍ଦକୁ ଭୁଲ ଉଚ୍ଚାରଣ କରି '**babes**' କହୁଥିବାର ଏକ ମଜାଦାର ଘଟଣା ସାମିଲ ଅଛି। ଏହି କ୍ଲିପ୍ ଯୋଗୁଁ ଇଣ୍ଟରନେଟରେ ଉପଭୋକ୍ତାମାନେ ପଚାରିବା ଆରମ୍ଭ କରି ଦେଇଛନ୍ତି, "ଏହି ନୀଳ ଶାଢ଼ୀରେ ଥିବା ମହିଳା ଜଣକ କିଏ?" ଗିରିଜା ଓକ୍ ଜଣେ ମରାଠୀ ଓ ହିନ୍ଦୀ ଅଭିନେତ୍ରୀ। ସେ ଡିସେମ୍ବର ୨୭, ୧୯୮୭ରେ ନାଗପୁର, ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ। ସେ ହେଉଛନ୍ତି ବରିଷ୍ଠ ମରାଠୀ ଅଭିନେତା ଗିରୀଶ ଓକ୍‌ଙ୍କ ଝିଅ। ସେ ମୁମ୍ବାଇର ଠାକୁର କଲେଜ୍ ଅଫ୍ ସାଇନ୍ସ ଆଣ୍ଡ କମର୍ସରୁ ବାୟୋଟେକ୍ନୋଲୋଜିରେ ଡିଗ୍ରୀ ହାସଲ କରିଛନ୍ତି। ମରାଠୀ ସିନେମା ବ୍ୟତୀତ ସେ ବଲିଉଡ୍‌ର ବହୁ ଚର୍ଚ୍ଚିତ ଫିଲ୍ମ ଯେପରିକି 'ତାରେ ଜମିନ୍ ପର', 'ଶୋର୍ ଇନ୍ ଦ ସିଟି', ଏବଂ ଶାହରୁଖ ଖାନ୍‌ଙ୍କ 'ଜୱାନ୍' ରେ ଅଭିନୟ କରିଛନ୍ତି। ସେ **OTT** ପ୍ରୋଜେକ୍ଟ 'ଇନ୍ସପେକ୍ଟର ଜେନ୍ଦେ'ରେ ମନୋଜ ବାଜପେୟୀଙ୍କ ବିପକ୍ଷରେ ମଧ୍ୟ ଅଭିନୟ କରିଛନ୍ତି। ଇଣ୍ଟରନେଟରୁ ଏପରି ପ୍ରଶଂସା ମିଳିବା ପରେ ଗିରିଜା ଆଶ୍ଚର୍ଯ୍ୟ ହୋଇଛନ୍ତି ଏବଂ କହିଛନ୍ତି ଯେ ରବିବାର ଠାରୁ ତାଙ୍କ ଫୋନ୍ ଲଗାତାର ବାଜୁଛି। ତେବେ, ସେ ସଚେତନ ଅଛନ୍ତି ଯେ ଏହା କେବଳ ଏକ ଟ୍ରେଣ୍ଡ। ସେ କହିଛନ୍ତି, "ମୁଁ ଯେଉଁ କାମ କରେ, ସେଥିରେ ଏପରି ରହିବ। ଯଦି ଲୋକମାନେ ବର୍ତ୍ତମାନ ମୋ କାମକୁ ଆବିଷ୍କାର କରୁଛନ୍ତି, ତେବେ ଏଥିରେ ମୁଁ ଖୁସି।" "ସେ ଆହୁରି ଏକ ପୋଷ୍ଟରେ ଲେଖିଛନ୍ତି ଏବେ ଏହି ଆଟେନ୍ସନ୍ କୁ ଦେଖି ମଜା ନେଉଛି।"

# ବିବାହର 'ଏକ୍ସପାଏରୀ ଓ ନବୀକରଣ ତାରିଖ' ରହିବା ଦରକାର: କାଜୋଲ୍

'ଟୁ ମଚ୍ ୱିଥ୍ କାଜୋଲ୍ ଆଣ୍ଡ୍ ଟ୍ୱିଙ୍କଲ୍' ଶୋ'ର ଫାଇନାଲ୍ ଏପିସୋଡ୍ ମୁକ୍ତିଲାଭ ପୂର୍ବରୁ ଆଲୋଚନା ସୃଷ୍ଟି କରିଛି। ଏହି ଫାଇନାଲ୍ ଏପିସୋଡ୍‌ରେ ଅତିଥି ଭାବରେ ଭିକି କୌଶଲ୍ ଓ କ୍ରିତି ସାନନ୍ ଯୋଗ ଦେଇଛନ୍ତି। ଏହି ଶୋ'ର ଏକ ସମୟରେ ଅଭିନେତ୍ରୀ କାଜୋଲ୍ ମତ ଦେଇଛନ୍ତି ଯେ ବିବାହର ଏକ ସମାପ୍ତି ତାରିଖ ଏବଂ ନବୀକରଣ ପାଇଁ ବିକଳ୍ପ ରହିବା ଉଚିତ୍।



ହୋଷ୍ଟ ଟ୍ୱିଙ୍କଲ୍ ଖାନ୍ନା ଯେତେବେଳେ ପ୍ରଶ୍ନ କଲେ, "ବିବାହର ଏକ ସମାପ୍ତି ତାରିଖ ଏବଂ ନବୀକରଣ ବିକଳ୍ପ ରହିବା ଉଚିତ୍ କି?", ଏହି ପ୍ରଶ୍ନରେ ଅତିଥିମାନଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଥିଲା। କ୍ରିତି, ଭିକି ଏବଂ ଟ୍ୱିଙ୍କଲ୍ ଏହି ଧାରଣାକୁ ଅସ୍ୱୀକାର କରି ଏକାଠି ଛିଡ଼ା ହୋଇଥିବାବେଳେ, କାଜୋଲ୍ ଏହାର ସମର୍ଥନ କରି ଗ୍ରୀନ୍ ବକ୍ସ ଅଞ୍ଚଳକୁ ଯାଇଥିଲେ।

ଟ୍ୱିଙ୍କଲ୍ ମଜାଳିଆ ଢଙ୍ଗରେ ଉତ୍ତର ଦେଇ କହିଥିଲେ, "ନା, ଏହା ବିବାହ, ୱାସିଂ ମେସିନ୍ ନୁହେଁ।" କିନ୍ତୁ କାଜୋଲ୍ ତାଙ୍କ ପ୍ରସ୍ତାବ ସପକ୍ଷରେ ତର୍କ ଦେଇ କହିଥିଲେ ଯେ, "କେଉଁଟା ଗ୍ୟାରେଣ୍ଟି ଦିଏ ଯେ ଆପଣ ସଠିକ୍ ସମୟରେ ସଠିକ୍ ବ୍ୟକ୍ତିଙ୍କୁ ବିବାହ କରିବେ? ଏକ ନବୀକରଣ ବିକଳ୍ପ ଯୁକ୍ତିଯୁକ୍ତ ହେବ ଏବଂ ଯଦି ଏକ ସମାପ୍ତି ତାରିଖ ଥାଏ, ତେବେ କାହାରିକୁ ଅଧିକ ଦିନ କଷ୍ଟ ପାଇବାକୁ ପଡ଼ିବ ନାହିଁ।"

"ଟଙ୍କା ଖୁସି କିଣିପାରେ" ଏହି ବିଷୟ ଉପରେ ଆଲୋଚନା ହେଲା। ଏଥର ଟ୍ୱିଙ୍କଲ୍ ଏବଂ ଭିକି ସହମତି ପ୍ରକାଶ କରିଥିବା ବେଳେ କାଜୋଲ୍ ଅସହମତ ହୋଇ ଦୂରରେ ରହିଥିଲେ।

"ଆପଣଙ୍କ ପାଖରେ ଯେତେ ଟଙ୍କା ଥିଲେ ମଧ୍ୟ, ଏହା ପ୍ରକୃତରେ ଏକ ପ୍ରତିବନ୍ଧକ ହୋଇପାରେ। ଏହା ଆପଣଙ୍କୁ ଖୁସିର ପ୍ରକୃତ ଧାରଣାଠାରୁ ଦୂରେଇ ଦିଏ।"

"ଉତ୍ତମ ବନ୍ଧୁମାନେ ପରସ୍ପରର ପୂର୍ବ ପ୍ରେମୀକୁ ଡେଟ୍ କରିବା ଉଚିତ୍ ନୁହେଁ" ପ୍ରଶ୍ନରେ ଟ୍ୱିଙ୍କଲ୍ ସହମତି ଜଣାଇ କହିଥିଲେ, "କୌଣସି ପୁରୁଷ ଅପେକ୍ଷା ମୋ ପାଇଁ ମୋର ବନ୍ଧୁମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ। ସେମାନେ ଯେ କୌଣସି ସ୍ଥାନରେ ମିଳିଯିବେ।"

ଏହି ସମୟରେ ଟ୍ୱିଙ୍କଲ୍ କାଜୋଲ୍‌ଙ୍କୁ ଚାହିଁ ମନ୍ତବ୍ୟ ଦେଇଥିଲେ, "ଆମର ଜଣେ ପୂର୍ବ ପ୍ରେମୀ କମନ ଅଛନ୍ତି, କିନ୍ତୁ ଆମେ କହି ପାରିବୁ ନାହିଁ," ଯାହା ଶୁଣି କାଜୋଲ୍ "ଚୁପ୍ କର, ମୁଁ ତୁମକୁ ଅନୁରୋଧ କରୁଛି," କହିଥିଲେ ଏବଂ ସମସ୍ତେ ହସି ଉଠିଥିଲେ।

ଏହି ଶୋ'ର ଫାଇନାଲ୍ ଏପିସୋଡ୍ ଗୁରୁବାର ପ୍ରାଇମ୍ ଭିଡିଓରେ ପ୍ରସାରିତ ହେବ।

# 'ଗ୍ଲୋବ୍ ଟ୍ରଟର'ରୁ ପ୍ରିୟଙ୍କା ଚୋପ୍ରାଙ୍କ ପ୍ରଥମ ଝଲକ ରିଲିଜ କଲେ ଏସ୍.ଏସ୍. ରାଜାମୌଳି




ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଗ୍ଲୋବ୍ ଟ୍ରଟର'ରୁ ନିର୍ଦ୍ଦେଶକ ଏସ୍.ଏସ୍. ରାଜାମୌଳି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ପ୍ରଥମ ଲୁକ୍ (ଝଲକ) ଜାରି କରିଛନ୍ତି। ହଳଦିଆ ଶାଢ଼ୀ ପିନ୍ଧି ପ୍ରିୟଙ୍କାଙ୍କ ଆକ୍ସନ୍-ଭରା ଲୁକ୍ ଦେଖିବାକୁ ମିଳିଛି। ରାଜାମୌଳି ଏହି ଲୁକ୍ ସେୟାର୍ କରି ଲେଖିଛନ୍ତି, "ଯିଏ ଭାରତୀୟ ସିନେମାକୁ ବିଶ୍ୱ ସ୍ତରରେ ପୁନଃ ପରିଭାଷିତ କରିଛନ୍ତି। ଦେଶୀ ଗର୍ଲ! ପ୍ରିୟଙ୍କା ଚୋପ୍ରା ପୁଣି ଥରେ ସ୍ୱାଗତ... ତୁମର ମନ୍ଦାକିନୀର ଅନେକ ରୂପ ଦେଖିବାକୁ ଦୁନିଆ ଅପେକ୍ଷା କରିଛି।" ଏହି ଚଳଚ୍ଚିତ୍ରରେ ମହେଶ ବାବୁ ଓ ପୃଥ୍ୱୀରାଜ ସୁକୁମାରନ ମୁଖ୍ୟ ଭୂମିକାରେ ଅଛନ୍ତି। ନିକଟରେ ପୃଥ୍ୱୀରାଜଙ୍କ ଲୁକ୍ ମଧ୍ୟ ପ୍ରକାଶ ପାଇଥିଲା। ପୃଥ୍ୱୀରାଜଙ୍କ ଚରିତ୍ରର ନାଁ କୁମ୍ଭ ଏବଂ ତାଙ୍କୁ ଜଣେ ନିଷ୍ଠୁର, ଶକ୍ତିଶାଳୀ ଖଳନାୟକ ଭାବେ ରାଜାମୌଳି ବର୍ଣ୍ଣନା କରିଥିଲେ। ଅନ୍ୟପକ୍ଷରେ, 'ଗ୍ଲୋବ୍ ଟ୍ରଟର' ନିର୍ଦ୍ଦେଶକ ମହେଶ ବାବୁଙ୍କ ଏକ ଝଲକ ମଧ୍ୟ ସେୟାର୍ କରି ଲେଖିଥିଲେ ଯେ, ନଭେମ୍ବର ୧୫ରେ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ହେବାକୁ ଥିବା 'ଗ୍ଲୋବ୍ ଟ୍ରଟର' ଇଭେଣ୍ଟରେ ଦର୍ଶକଙ୍କୁ ବଡ଼ ସରପ୍ରାଇଜ୍ ମିଳିବ।
ପ୍ରିୟଙ୍କା ଓ ପୃଥ୍ୱୀରାଜଙ୍କ ପ୍ରଥମ ଲୁକ୍ ପରେ, ଚଳଚ୍ଚିତ୍ରର ପ୍ରଥମ ଗୀତ ମଧ୍ୟ ୟୁଟ୍ୟୁବରେ ମୁକ୍ତିଲାଭ କରିଛି। ଓସ୍କାର ବିଜେତା ସଙ୍ଗୀତଜ୍ଞ ଏମ୍.ଏମ୍. କିରବାନୀ ଏହି ଟ୍ରାକ୍‌ଟିକୁ କମ୍ପୋଜ୍ କରିଥିବା ବେଳେ ଶ୍ରୁତି ହାସନ ଏଥିରେ କଣ୍ଠଦାନ କରିଛନ୍ତି।

# ଦୃଷ୍ଟାନ୍ତ ପାଲଟିବ ଆମ ପଂଚାୟତର ଅମୃତ ସରୋବର : ନମିତା ଟୁଡୁ

ଉଦଲା, ୧୩/୧୧ (ନି.ପ୍ର): ଖୁଂଟା ବ୍ଲକର କରକଟିଆ ପଂଚାୟତ ଅନ୍ତର୍ଗତ ଟିକରପଡ଼ା ଗ୍ରାମଠାରେ ଯେଉଁ ଅମୃତ ସରୋବର ନିର୍ମାଣ ଚାଲିଛି ଏହା ସମଗ୍ର ବ୍ଲକ ଅଂଚଳ ପାଇଁ ଦୃଷ୍ଟାନ୍ତ ପାଲଟିବ ବୋଲି ସ୍ଥାନୀ ୟସରପଂଚ ନମିତା ଟୁଡୁ କହିଛନ୍ତି । ଅବସର ବିନୋଦନ ପାଇଁ ଏହି ସ୍ଥାନଟି ଏକ ସୁନ୍ଦର ସ୍ଥାନ ପାଲଟିବ ବୋଲି ସରପଂଚ କହିବା ସହ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସକାଶେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଆଗାମୀ ଦିନରେ ଏଠାରେ କିପରି ବଣଭୋଜିର ମଜା ଲୋକେ ଉଠାଇ ପାରିବେ ସେଥିପାଇଁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ପ୍ରଦାନ କରିଛନ୍ତି । ଏହା ପଂଚାୟତର ରୋଜଗାର ବଢ଼ାଇବାର ମଧ୍ୟ ସହାୟକ ହେବ ବୋଲି କହିଛନ୍ତି । ଆବଶ୍ୟକତା ମୁତାବକ ଅର୍ଥ ସରକାର ଯୋଗାଇ ପାରୁନଥିବା ଯୋଗୁଁ ସାମାଜିକ ସୁରକ୍ଷା ଯୋଜନାରେ ପ୍ରଦାନ କରାଯାଉଥିବା ଭତା ବହୁ ଲୋକ ପାଇବାରୁ ବଂଚିତ ଅଛନ୍ତି । ଏହା କେବଳ ଆମ ପଂଚାୟତ ନୁହେଁ, ସବୁ ପଂଚାୟତ ମାନଙ୍କରେ ଏପରି ସମସ୍ୟା ଦେଖିବାକୁ ମିଳୁଛି । ଏହା ଖୁବ୍ ଦୁଃଖଦାୟକ ବିଷୟ ବୋଲି ସରପଂଚ ନମିତା କହିବା ସହ ବର୍ତ୍ତମାନ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ ଜଣାଇଛନ୍ତି । କିଛିଦିନ ପୂର୍ବରୁ ଜନଜାଗୃତି ମଂଚ ତରଫରୁ ଡ଼ିଜିଟାଲ ସାକ୍ଷରତା ବିଷୟରେ ସରପଂଚ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ଏଥିରେ ସରପଂଚ ନମିତା ଅଂଶ ଗ୍ରହଣ କରିପାରିନଥିଲେ । ପରେ ମଂଚର କର୍ମୀ ମାନେ ତାଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ସାମାଜିକ ଗଣମାଧ୍ୟମର ବ୍ୟବହାର ଓ ଏଥିରୁ ମିଳୁଥିବା ଫାଇଦା ସମ୍ପର୍କରେ ଅବଗତ କରାଇଥିଲେ । ସରପଂଚ ନମିତା ଏହାର ଆବଶ୍ୟକତା ସମସ୍ତଙ୍କ ପକ୍ଷେ ବର୍ତ୍ତମାନ ଜରୁରି ହୋଇ ପଡୁଥିବାରୁ ଏହି ତାଲିମ ସମସ୍ତେ ନେବା ଉଚିତ ବୋଲି ବ୍ୟକ୍ତ କରିଥିଲେ । କରକଟିଆ ପଂଚାୟତଟି ଶିମିଳିପାଳକୁ ଲାଗିକରିଥିବାରୁ ଅନେକ ସମୟରେ ଜଙ୍ଗଲର ଜୀବଜନ୍ତୁ ଫସଲ ନଷ୍ଟ କରୁଛନ୍ତି । କିନ୍ତୁ ଚାଷି ମାନେ ଏହାର ଉପଯୁକ୍ତ କ୍ଷତି ପୂରଣ ପାଇପାରୁ ନଥିବାର କଥା ସରପଂଚ ଅଭିଯୋଗ କରିଛନ୍ତି । କପ୍ତିପଦା ଉପଖଣ୍ଡ ସ୍ତରୀୟ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଥରଟିଏ କରକଟିଆ ପଂଚାୟତରେ ଅନୁଷ୍ଠିତ ହେଲେ ଭଲ ହୁଅନ୍ତା ବୋଲି ସରପଂଚ ନମିତା ମତ ଦେଇଛନ୍ତି ।

# ଭୁବନେଶ୍ୱର ସିଏସଆଇଆର-ଆଇଏମଏମଟି ଠାରେ ଜାତୀୟ ସମ୍ମିଳନୀ ‘କୋହୋର୍ଟ କନେକ୍ଟ’କୁ ଉଦଘାଟନ କଲେ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ

ଭୁବନେଶ୍ୱର, ୧୩/୧୧ (ନି.ପ୍ର):୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି । ଆଜି ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଏମଏମଟି ଠାରେ ଲଙ୍ଗିଟ୍ୟୁଡିନାଲ କୋହର୍ଟ ଷ୍ଟଡିଜ୍ ଉପରେ ଜାତୀୟ ସମ୍ମିଳନୀ-କୋହୋର୍ଟ କନେକ୍ଟକୁ ଉଦଘାଟନ କରି ସେ କହିଛନ୍ତି, ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ଏବେ ନିଦାନ ଆଧାରିତ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ। ଡକ୍ଟର ସିଂ ଆହୁରି କହିଛନ୍ତି, ‘‘ଭାରତୀୟ ରୋଗୀଙ୍କ ପାଇଁ ଭାରତୀୟ ଉପଚାର, ଭାରତୀୟ ବିଷୟ ଲାଗି ଭାରତୀୟ ନିରାକରଣ ରଣନୀତି, ଭାରତୀୟ ସମାଧାନ ଲାଗି ଭାରତୀୟ ତଥ୍ୟ ଆମର ମନ୍ତ୍ର ହେବା ଉଚିତ୍। ସୂଚନାଯୋଗ୍ୟ, କୋହୋର୍ଟ ଷ୍ଟଡିଜ୍ ଏପରି ଏକ ଅଧ୍ୟୟନକୁ ବୁଝାଇଥାଏ ଯେଉଁଥିରେ ସମାନ ବୈଶିଷ୍ଟ୍ୟ ଥିବା ଏକ ଗୋଷ୍ଠୀର ସ୍ୱାସ୍ଥ୍ୟାବସ୍ଥା ଓ ଜୀବନଶୈଳୀକୁ ଅନୁଧ୍ୟାନ କରାଯାଇଥାଏ ଯାହାଫଳରେ ସେମାନଙ୍କ ଠାରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟାର ବିପଦ କାରକକୁ ଚିହ୍ନଟ କରାଯାଇପାରିବ। ଆଜିର କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ କୋହୋର୍ଟ ପାଇଁ ରହିଥିବା ସୁଯୋଗ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି, ଏହା ସ୍ୱାସ୍ଥ୍ୟର ଚାରିଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ଯଥା ଜୈବିକ, ପରିବେଶଗତ, ଆନୁବଂଶିକ ଏବଂ ଜୀବନଶୈଳୀ କାରକଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ପ୍ରତ୍ୟେକ କାରକ ଦେଶର ଆହାର, ପରିବେଶ ଏବଂ ଆନୁବଂଶିକ ଢାଂଚାରେ ଅସାଧାରଣ ବିବିଧତା ଦ୍ୱାରା ଆକାର ନେଇଥାଏ।ଡକ୍ଟର ସିଂ କହିଛନ୍ତି, ଭାରତରେ ପାଚନକ୍ରିୟା ସହ ଜଡ଼ିତ ବିକାର ପ୍ରାୟତଃ ପରସ୍ପର ସହ ଯୋଡ଼ି ହୋଇ ରହିଥିବା ସ୍ଥିତି ରୂପରେ ସାମ୍ନାକୁ ଆସିଥାଏ ଏବଂ ଏହାକୁ ସଂକ୍ରାମକ ଏବଂ ଅଣସଂକ୍ରାମକ ରୋଗର ବ୍ୟାପକ ପରିଦୃଶ୍ୟଠାରୁ ଅଲଗା କରାଯାଇପାରିବ ନାହିଁ। ଯକ୍ଷ୍ମା ଏବଂ ମଧୁମେହ ମଧ୍ୟରେ ପାରସ୍ପରିକ ସମ୍ପର୍କ ବିଷୟରେ ଉଲ୍ଲେଖ କରି, ସେ କହିଥିଲେ ଯେ ଭାରତକୁ ରୋଗ ମୁକାବିଲା କ୍ଷେତ୍ରରେ ସଂକୀର୍ଣ୍ଣ ଦୃଷ୍ଟିକୋଣ ଠାରୁ ଆଗକୁ ବଢ଼ିବାକୁ ପଡ଼ିବ। ଦୀର୍ଘ ଦଶନ୍ଧିର ନିଦାନଗତ ଅଭିଜ୍ଞତାକୁ ଆଧାର କରି, ସେ କହିଥିଲେ ଯେ ଭାରତୀୟ ଫେନୋଟାଇପରେ ଏକ ସ୍ୱତନ୍ତ୍ର ପାଚନକ୍ରିୟା ଜନିତ ଦୁର୍ବଳତା ରହିଛି ଯାହା ଅନେକ ପିଢ଼ି ଧରି ବିଦେଶରେ ବସବାସ କରୁଥିବା ଭାରତୀୟଙ୍କ ଭିତରେ ମଧ ପରିଲକ୍ଷିତ ହୁଏ। ଯଦିଓ ଏପରି ଧାରା ଐତିହାସିକ ଭାବରେ ପରିଚିତ ଥିଲା, ତଥାପି ବ୍ୟାପକ ସମୂହ ଅଧ୍ୟୟନ ମାଧ୍ୟମରେ ଏବେ ବଡ଼ ଧରଣର ବୈଜ୍ଞାନିକ ବୈଧତା ସମ୍ଭବ ହେଉଛି ବୋଲି ସେ କହିଥିଲେ। ଜିନୋମିକ୍ସ ଏବଂ ଜୈବ ଚିକିତ୍ସା ବିଜ୍ଞାନରେ ଭାରତର ବୃଦ୍ଧି ପାଉଥିବା ଶକ୍ତି ଉପରେ କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଥିଲେ। ସେ ମଧ୍ୟ ବଡ଼ ଧରଣର ଜିନୋମ୍ ସିକୋଏନ୍ସିଂ ଏବଂ ହିମୋଫିଲିଆ ପାଇଁ ଦେଶର ପ୍ରଥମ ସ୍ୱଦେଶୀ ନିଦାନଗତ ପରୀକ୍ଷଣ ଭଳି ମାଇଲଖୁଂଟ ବିଷୟରେ ଉଲ୍ଲେଖ କରିଥିଲେ।

## ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ ଦିବସ ପାଳିତ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ବୀମା ସମ୍ବନ୍ଧୀୟ (ଫସଲ ବୀମା ବ୍ୟତୀତ) ଅଭିଯୋଗଗୁଡ଼ିକର ଆଶୁ ସମାଧାନ ନିମନ୍ତେ ଭାରତ ସରକାର ୧୮ଟି ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ କାର୍ଯ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ପ୍ରତିବର୍ଷ ପରି ଏଥର ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ ଦିବସ, ମଙ୍ଗଳବାର ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାର ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବା ନିମନ୍ତେ କ୍ଷମତା ପ୍ରଦାନ କରିଛନ୍ତି ଏବଂ ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନଙ୍କ ଆଦେଶକୁ ବୀମା କମ୍ପାନୀମାନଙ୍କୁ ପାଳନ କରିବା ନିମନ୍ତେ ଆଇନତଃ ବାଧ କରିଛନ୍ତି । ବିଗତ ଆର୍ଥିକ ବର୍ଷ (୨୦୨୪-୨୫) ରେ ସର୍ବମୋଟ ୧୩୪୧ ଟି ଅଭିଯୋଗର ନିଷ୍ପତି କରାଯାଇଛି । ସବୁଠାରୁ ଉଲ୍ଲେଖନୀୟ ଉପଲବ୍ଧି ଏହା ଯେ ଶତପ୍ରତିଶତ ଅଭିଯୋଗ ମାତ୍ର ୬୦ ଦିନ ମଧ୍ୟରେ ଅର୍ଥାତ ନିର୍ଦ୍ଧାରିତ ସମୟସୀମା (୯୦ ଦିନ) ର ବହୁ ପୂର୍ବରୁ ବ୍ୟକ୍ତିଗତ ଏବଂ ଆଭାସୀ ଶୁଣାଣି ମାଧ୍ୟମରେ ନ୍ୟାୟିକ ନିଷ୍ପତି ଦିଆଯାଇ ପାରିଛି । ଅନେକ ଅଭିଯୋଗ, କମ୍ପାନୀ ଏବଂ ଅଭିଯୋଗକାରୀଙ୍କ ଆପୋଷ ସହମତିରେ ସମାଧାନ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନ ଅନୁଷ୍ଠାନ ବିନାମୂଲ୍ୟରେ ସମସ୍ତ ବୀମା ସମ୍ବନ୍ଧିତ ଅଭିଯୋଗଗୁଡିକର ବିଚାର ତଥା ନିଷ୍ପତି କରିଥାଏ । ଏଥି ନିମନ୍ତେ କୌଣସି ତୃତୀୟ ପକ୍ଷଙ୍କ ସାହାଯ୍ୟର ଆବଶ୍ୟକତା ନଥାଏ । ବୀମାଧାରୀମାନେ ଅନଲାଇନ ଏବଂ ଅଫ ଲାଇନରେ ନିଜର ଅଭିଯୋଗ ଇନ୍ସୁରାନ୍ସ ଅମ୍ବୁଡ୍ସମ୍ୟାନଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ।

# ମାଣ୍ଡିଆ ମିଶନ ବାଟବଣା : ବାରମ୍ବାର ଚାଲିଛି ନାମ ବଦଳ, ଏନଜିଓ ଦେଉନି ଚାଷୀଙ୍କ ଚୂଡ଼ାନ୍ତ ତାଲିକା

ସମ୍ବଲପୁର, ୧୩/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକରେ ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ସହାୟକ ସଂସ୍ଥା ଭାବରେ ବାମରାରାରେ କାର୍ଯ୍ୟରତ ଆୱାର୍ଡ ଏନଜିଓକୁ ପଞ୍ଜୀକୃତ କରାଯାଇଛି। ଏହାସହ ବାମରା ବ୍ଲକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ମାଣ୍ଡିଆ ଚାଷ ଦାୟିତ୍ୱ ଆୱାର୍ଡ ସଂସ୍ଥା ହାତରେ ନ୍ୟସ୍ତ କରାଯାଇଛି। ବାମରା ବ୍ଲକ ପାଇଁ ୩୫୦ ହେକ୍ଟର ମାଣ୍ଡିଆ, ବାଜରା ଚାଷ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ଯେହେତୁ ବାମରା ବ୍ଲକରେ ଜଳସେଚନର ସୁବିଧା ନାହିଁ, ମାଟି ଏବଂ ଜଳବାୟୁକୁ ଦେଖି ଏହି ବ୍ଲକ ମାଣ୍ଡିଆ ଏବଂ ବାଜରା ଆଦି ଫସଲ ପାଇଁ ଉପଯୁକ୍ତ ବୋଲି ଚୟନ ହୋଇଥିଲା । ବାମରାର ଅଗ୍ରଣୀ ଏନଜିଓ ଭାବେ କାର୍ଯ୍ୟ କରୁଥିବା ଆୱାର୍ଡ ପକ୍ଷରୁ ବ୍ଲକ୍ ରେ ଧାର୍ଯ୍ୟ ପରିମାଣରେ ମାଣ୍ଡିଆ ଚାଷ ପାଇଁ ଚାଷୀ ଚିହ୍ନଟ କରାଯାଇ ବିହନ ଏବଂ ତାଲିମ ପ୍ରଦାନ କରାଯାଇଥିଲା। ହେଲେ ବର୍ତ୍ତମାନ ମାଣ୍ଡିଆ ଉତ୍ପାଦନ ସମୟ ପହଂଚି ଥିବା ବେଳେ ଆୱାର୍ଡ ଦ୍ୱାରା ଦାଖଲ କରାଯାଇଥିବା ଚୂଡ଼ାନ୍ତ ଚାଷୀ ତାଲିକାରେ ବଡ଼ ଧରଣର ଜାଲିଆତି ସାମନାକୁ ଆସିଛି। ଯେଉଁ ଚାଷୀ ମାନେ ମାଣ୍ଡିଆ ଚାଷ ଆଦୌ କରିନାହାନ୍ତି ସେମାନଙ୍କୁ ମଧ ଏହି ତାଲିକାରେ ଚାଷୀ ଭାବରେ ଦର୍ଶାଯାଇଛି। ଜାଲିଆତି ଅଭିଯୋଗ ହେବା ଓ ଜିଲ୍ଲା କୃଷି ବିଭାଗ ପକ୍ଷରୁ କରାଯାଇଥିବା ତଦନ୍ତରୁ ଏଭଳି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ଅନ୍ୟ ପକ୍ଷରେ ନକଲି ଚାଷୀଙ୍କ ତାଲିକା ନେଇ କୃଷି ବିଭାଗ ପକ୍ଷରୁ ଆୱାର୍ଡ ଉପରେ ପ୍ରଶ୍ନ ଉଠାଯାଇଥିବା ବେଳେ ସଂସ୍ଥା ପକ୍ଷରୁ ପ୍ରକୃତ ଚାଷୀ ମାନଙ୍କ ତାଲିକା ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ କରାଯାଇନଥିବା ଜଣାପଡିଛି। ଅମଳ ଆରମ୍ଭ ହୋଇସାରିଥିବା ବେଳେ ନଭେମ୍ବର ଶେଷ ସୁଦ୍ଧା କ୍ଷେତରେ କୌଣସି ଫସଲ ରହିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଚାଷୀମାନେ କରିଥିବା ଫସଲ ପାଇଁ ହେକ୍ଟର ପିଛା ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପାଇବା ପାଇଁ ଯୋଗ୍ୟ । ଏହାସହ ସରକାରୀ ସଂସ୍ଥା ଟିଡିସିସିଓଏଲ ଦ୍ୱାରା ଉତ୍ପାଦିତ ଫସଲ କ୍ରୟ କରାଯିବାର ବ୍ୟବସ୍ଥା ମଧ୍ୟ ସ୍ଥିରୀକୃତ ହୋଇସାରିଛି। ଆୱାର୍ଡ ଏନଜିଓ ଜାଣିଶୁଣି ଫସଲ ପରିମାଣ ସହ ଚାଷୀ ମାନଙ୍କ ନାମକୁ ହେରଫେର କରିଥିବା ଅଭିଯୋଗ ହୋଇଛି । ଯାହାଦ୍ୱାରା ନକଲି ଚାଷୀମାନଙ୍କ ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ମିଳୁଥିବା ପ୍ରୋତ୍ସାହନ ରାଶି ଚଳୁ କରିଦେବା ଷଡ଼ଯନ୍ତ୍ରରେ ଗୋଟିଏ ରାକେଟ୍ ବେଶ୍ ସକ୍ରିୟ ହୋଇଉଠିଥିବା ଆଶଙ୍କା କରାଯାଇଛି । ଯାହାଦ୍ୱାରା ବାମରା ବ୍ଲକରେ ଶ୍ରୀ ଅନ୍ନ ଅଭିଯାନ ଜରିଆରେ ସରକାର ରଖିଥିବା ଲକ୍ଷ୍ୟ ପୂରଣରେ ବାଧା ସୃଷ୍ଟି କରାଇଛି। ଅପରପକ୍ଷରେ ଆୱାର୍ଡ ଏନଜିଓ ପକ୍ଷରୁ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରୁଥିବା ବ୍ଲକ ସଂଯୋଜିକା ଦମୟନ୍ତୀ ନାଏକଙ୍କ କାର୍ଯ୍ୟଧାରା ଅତ୍ୟନ୍ତ ସନ୍ଦେହ ଜନକ ରହିଛି। ସରକାରୀ ସ୍ତରରେ ଯାଂଚ୍ ହେବା ଆଶଙ୍କାରେ ସେ ବାମରା ବ୍ଲକରେ ପ୍ରକୃତ ଚାଷୀ ମାନଙ୍କ ତାଲିକା ବାରମ୍ବାର ପରିବର୍ତ୍ତନ କରିବାରେ ବ୍ୟସ୍ତ ରହୁଛନ୍ତି। ଏପରିକି ତାଙ୍କ ଦ୍ୱାରା ଦିଆଯାଇଥିବା ଚାଷୀ ତାଲିକା ଏବଂ ଚାଷୀଙ୍କ ସହ କାମ କରୁଥିବା ସିଆରପି ମାନେ ପ୍ରଦାନ କରିଥିବା ଚାଷୀ ତାଲିକାରେ କୌଣସି ତାଲମେଳ ରହୁନଥିବା ଦେଖିବାକୁ ମିଳୁଛି। ଏହାସତ୍ତ୍ୱେ କୃଷି ବିଭାଗ ତାଙ୍କ ବିରୁଦ୍ଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହୁଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ଏବେ ବାମରା ବ୍ଲକର ଚାଷୀମାନଙ୍କ ସୁବିଧା ପାଇଁ କୃଷି ବିଭାଗ ପକ୍ଷରୁ ହୋଇଥିବା ଶ୍ରୀଅନ୍ନ ଅଭିଯାନରେ ଚାଷୀ ମାନଙ୍କ ତଥ୍ୟ ସମ୍ପୂର୍ଣ୍ଣ ଯାଂଚ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକୃତ ଚାଷୀ ମାନଙ୍କ ପକ୍ଷରୁ ଦାବି ହେଉଛି ।

# ଓଡ଼ିଶାର କୃଷି ଐତିହ୍ୟ ଓ ଶ୍ରୀ ଅନ୍ନର ସଂରକ୍ଷଣ, ପ୍ରସାର ପଦକ୍ଷେପକୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଭୂୟସୀ ପ୍ରଶଂସା

ଭୁବନେଶ୍ୱର, ୧୩/୧୧ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନଭେମ୍ବର ୧୦ ଓ ୧୧ ରେ ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ମହିଳା କୃଷକ ସମ୍ମିଳନୀ ୨୦୨୫ ଲୋକସେବା ଭବନ କନଭେନସନ ହଲଠାରେ ସଫଳତାର ସହ ସମାପ୍ତ ହୋଇଛି । ଏହି ସମ୍ମିଳନୀ “କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା” ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ ଥିଲା । ଏହି ସମ୍ମିଳନୀର ଉଦ୍ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇଥିଲେ । କୃଷି ଐତିହ୍ୟର ସଂରକ୍ଷଣ ସହ ଶ୍ରୀ ଅନ୍ନର ସଂରକ୍ଷଣ ଓ ପ୍ରସାର ଦିଗରେ ଓଡ଼ିଶାର ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଶ୍ରୀ ଚୌହାନ କହିଥିଲେ ଯେ, ଓଡ଼ିଶା ଏକମାତ୍ର ରାଜ୍ୟଭାବେ ଏକ ନିର୍ଦ୍ଧିଷ୍ଟ ଦିନକୁ ଶ୍ରୀଅନ୍ନ ବା ମାଣ୍ଡିଆ ଦିବସ ଭାବେ ଉତ୍ସର୍ଗ କରିଛି । କେବଳ ଏତିକି ନୁହେଁ ଏହାର ଉତ୍ପାଦନ ବୃଦ୍ଧି କରି ଅନ୍ୟ ରାଜ୍ୟକୁ ମଧ ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ଏବଂ ସବୁଠାରୁ ଉତ୍ସାହଜନକ କଥା ହେଲା ଏଥିରେ ମହିଳା ଚାଷୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଓଡ଼ିଶା ପ୍ରଥମ ରାଜ୍ୟଭାବେ ବିଭିନ୍ନ ଭୂ-ପ୍ରଜାତି ବା ଲ୍ୟାଣ୍ଡରେସ୍ ସଂରକ୍ଷଣ ପାଇଁ ମାର୍ଗଦର୍ଶିକା ସହ ମହିଳା କୈନ୍ଦ୍ରିକ ସୁବିଧାଜନକ କୃଷି ଭିତ୍ତିକ ଯନ୍ତ୍ରପାତିର ପରୀକ୍ଷଣ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହାବ୍ୟତୀତ ଓଡ଼ିଶା ସରକାରଙ୍କ କୃଷି ବିଭାଗ ପକ୍ଷରୁ ମିଲେଟ ଫାଉଣ୍ଡେସନ ଗାଇଡ୍ ପ୍ରକାଶିତ ହୋଇଛି, ଯେଉଁଥିରେ ଶ୍ରୀଅନ୍ନ ସମ୍ବନ୍ଧିତ ବିଭିନ୍ନ ଗବେଷଣାତ୍ମକ ତଥ୍ୟ ଉଲ୍ଲେଖ ରହିଛି । ଏଥିରେ ଅଧିକ ଜାଣିବା ନିମନ୍ତେ ୱେବସାଇଟ ଲିଙ୍କ ପ୍ରଦାନ କରାଯାଇଛି । ବେଶ ସଫଳତାର ସହିତ ଚଳିତ ବର୍ଷର ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ସମ୍ମିଳନୀ ଶେଷ ହୋଇଛି । ଏହାର ଉଦଯାପନୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି ଯୋଗ ଦେଇ ସମ୍ମିଳନୀକୁ ସାଫଲ୍ୟମଣ୍ଡିତ କରିଥିଲେ ।

# ଇଂଟର ସ୍କୁଲ କ୍ରିକେଟ ପ୍ରତିଯୋଗିତା ଇଂଟର ସ୍କୁଲ କ୍ରିକେଟ ଚୟନ ପ୍ରକ୍ରିୟା ଆରମ୍ଭ

ଜୟପୁର, ୧୩/୧୧ (ନି.ପ୍ର): ଷ୍ଟାଡିୟମ ପଡିଆ ଓ କଲେଜ ପଡିଆ ପରିସରରେ କୋରାପୁଟ ଜିଲ୍ଲା ଇଂଟର ସ୍କୁଲ କ୍ରିକେଟ ଚୟନ ପ୍ରକିୟା ଆରମ୍ଭ ହୋଇଯାଇଛି। ୬୦ଜଣ ଖେଳଳୀଙ୍କୁ ନେଇ ଏହି ଖେଳ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି। ରେଡ୍, ବ୍ଲୁ, ଅରେଞ୍ଜ ଓ ୟେଲୋ କୁ ନେଇ ୪ଟି ଦଳ କରାଯାଇଛି। ଆଜିର ପ୍ରଥମ ମ୍ୟାଚ ରେଡ୍ ଦଳ ଓ ବ୍ଲୁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ୨୧.୨ ବଲରେ ୧୨୫ ରନ କରି ଅଲଆଉଟ ହୋଇଯାଇଥିଲେ। ରେଡ୍ ଦଳ ୨୦.୧ ଓଭରରେ ୩ଟି ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲେ। ବ୍ଲୁ ଦଳର ସଲମିତ ସଲାମ ଡଙ୍ଗରୀ ୨୮ ରନ ସଂଗ୍ରହ କରିଥିବା ବେଳେ ରେଡ୍ ଦଳର ଅଂଶୁମାନ ପରିଡା ୨୮ ରନ ସଂଗ୍ରହ କରିଥିଲେ। ସେହିପରି ରେଡ୍ ଟିମର ଶୁଭ୍ରାଂଶୁ ଷଡଙ୍ଗୀ ୩ ୱିକେଟ ଅକ୍ତିଆର କରିଥିଲେ। ଆଜିର ପ୍ରଥମ ମ୍ୟାଚରେ ଅନୁପ ପାତ୍ର ଓ ରାଜେନ୍ଦ୍ର ଗ୍ରେଡ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାବୁଲା ରାଉତ, ରବି ନାୟକ, ବାପି ପରିଡା, ବଳରାମ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଏମ୍ପାୟାର ଭାବେ ପ୍ରିୟ ରଞ୍ଜନ ପାତ୍ର ଓ ଅବେଦ ନାୟକ ଏବଂ ସ୍କୋରର ଭାବେ ବିକ୍ରମ ଦେବ ମହାପାତ୍ର ଓ ଅକ୍ଷୟ କୁମାର ପ୍ରଧାନୀ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ୟେଲୋ ଓ ଅରେଞ୍ଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟେଲୋ ଦଳ ପ୍ରଥମେ ବ୍ୟାଟିଂ କରି ୨୨.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିବା ବେଳ୍ଏ ଅରେଞ୍ଜ ଦଳ ୩୫ ଓଭରରେ ୯ଟି ୱିକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ବାଲାରାୟ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ସୁଭମ ସିଂ ଓ ରୋସନ ବେହେରା ଏମ୍ପାୟର ଓ ସାହୁକାରୀ ଗୌରବ ସ୍କୋରର ଭାବେ ଉପସ୍ଥିତ ଥିଲେ। ଏହି ଚୟନ ପ୍ରକିୟାରେ ଯୋଗ୍ୟ ବିବେଚିତ ହେବା ଟିମ ଆସନ୍ତା ୨୦ ତାରିଖରେ କଟକ ଠାରେ ହେବାକୁ ଥିବା ଇଂଟର ସ୍କୁଲ ଟୁର୍ଣ୍ଣାମେଂଟରେ ଭାଗ ନେବେ।

# ଦୁର୍ଗମ ବନାଂଚଳରେ ଖଣିଜ ପଦାର୍ଥ ଚୋରି ଲୁହାପଥର ବୋଝେଇ ୨ଟି ହାଇୱା, ଜେସିବି ମେସିନ ଓ ବାଇକ୍ ଜବତ: ୪ଖଣି ଚୋର ଗିରଫ

କେନ୍ଦୁଝର, ୧୩/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ପୋଲିସ ପିଢ଼ପୋଖରୀ ବନାଂଚଳରେ ଚଢାଉ କରି ଚୋରା ଲୁହାପଥର ବୋଝେଇ ଦୁଇଟି ହାଇୱା, ଗୋଟିଏ ଜେସିବି ମେସିନ ଓ ଗୋଟିଏ ବାଇକ୍ ଜବତ ସହିତ ଚୋରା ଖଣିଜ ପଦାର୍ଥ ଚୋରା କାରବାରରେ ସଂଶ୍ଳିଷ୍ଟ ୪ ଜଣ ଖଣି ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଯୋଡା ହୁଡ଼ିସାହିର ପ୍ରିନ୍ସ ଜର୍ଜ, ଝାଡ଼ଖଣ୍ଡ ଜ୍ୟ ଦେଓଘରର ହାଡ଼ିସ ମିଆଁ, ବଡ଼ବିଲ ନାଦ ବସ୍ତିର ମହମ୍ମଦ ମୋସିନ ଆଲ ଥାଲମ୍ , ବଡ଼ବିଲ ଦାମୁ ହଟିଂର ୱାସିମ୍ ଆକ୍ରମ । ରାଜ ଆଜାଦ । ପୋଲିସ ଜବତ କରିଥିବା ହାଇୱା ନଂ ଓଡି-୦୯ପି-୨୨୯୨, ଓଡ଼ି-୦୯ଭି-୩୪୦୬, ବାଇକ୍ ନଂ ଓଆର୍-୦୯ ପି-୦୧ -୦୧୫୩କୁ ପୋଲିସ ଜବତ କରିଛି। ଜବତ ଟ୍ରକ୍ ଦ୍ୱୟରେ ପ୍ରାୟ ୬୦ ମେଟ୍ରିକ୍ ଟନ୍ ଉନ୍ନତ ମାନର ଲମ୍ପସ ଲୁହାପଥର ବୋଝେଇ ହୋଇଥିଲ ଥିଲା। ଏ ନେଇ ବାମେବାରୀ ଥାନାରେ କେସ ନଂ ୨୨୩/୨୦୨୫ ଦଫା୩୦୩(୨)/୧୧୧(୩)/୩୫ ବିଏନଏସ ଓ ୨୧ ଏମଏମଡିଆର୍ ଆକ୍ଟ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଯଶ କେତନ ଭୋଇ ସୂଚନା ଦେଇଛନ୍ତି। ପୋଲିସର ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ କେନ୍ଦୁଝର-ସୁନ୍ଦରଗଡ ଜିଲ୍ଲା ସୀମା ପିଢ଼ପୋଖରୀ ବନାଂଚଳରେ ଜେସିବି ମେସିନ ଯୋଗେ ଖୋଳି ଲୁହାପଥର ବୋଝେଇ କରୁଥିବା ଖବର ପାଇ ବାମେବାରୀ ଥାନା ଆଇଆଇସି ଯୋସକେତନ ଭୋଇ ସଦଳବଳେ ଚଢାଉ କରିଥିଲେ । ରାତ୍ରି ହୋଇଥିବାରୁ କିଛି ଖଣିଜ ଚୋର ଖସି ପଳାଇ ଯାଇଥିବା ବେଳେ ଦୁଇ ଜଣ ଡ୍ରାଇଭରଙ୍କୁ ପୋଲିସ କାବୁ କରି ନେଇଥିଲା। ଏହି ଘଟଣା ତଦନ୍ତ କରି ଆଉ ଦୁଇ ଜଣ ଖଣି ଚୋରଙ୍କୁ ଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏହି ଚୋରା ଲୁହାପଥର କାରବାରରେ ବହୁ ଖଣିଜ ଚୋର ସଂପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ ଏହାର ଚେର ଝାଡ଼ଖଣ୍ଡ ଓ ରାଉ ଉରକେଲା ଅଂଚଳକୁ ବ୍ୟାପିଥିବା ପୋଲିସ ଜାଣିବାକୁ ପାଇଛି। ଖଣିଜ ଚୋର ପିଢ଼ପୋଖରି ପରି ସୀମାନ୍ତ ଘଂଚ ଜଙ୍ଗଲରେ ଚୋର ମାନେ ଅନାୟାସରେ ମେସିନ ସିନ ଲଗାଇ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ କରୁଥିବା ବେଳେ ବନ ବିଭାଗ ଓ ଖଣି ବିଭାଗ କିପରି ଏହା ଜାଣି ଣି ପାରୁନାହାଁନ୍ତି, ଏହ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣିଜର ମୂଲ୍ୟ ପ୍ରିମିୟମ ଦେଉଥିବା ଖଣି ଗୁଡିକରେ ଅହେତୁକ ବୃଦ୍ଧି ହେବା ଫଳରେ ବିଭିନ୍ନ ବନାଂଚଳ ଓ ପରିତ୍ୟକ୍ତ ଖଣିରେ ଆନ୍ତଃ ରାଜ୍ୟ ଖଣି ଖଣିଜ ଚୋରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ପ୍ରାରମ୍ଭିକ ଅନୁସନ୍ଧାନ ପରେ ବାମେବାରୀ ଥାନା ଅଧିକାରୀ ଭୋଇ କହିଛନ୍ତି ଯେ,ଏହି ଚୋରା ଲୁହାପଥର ପଡୋଶୀ ରାଜ୍ୟକୁ ଚାଲାଣ ହେଉଥିଲା। ଖଣିଜ ଚୋରା କାରବାର ଉପରେ ରାଜ୍ୟ ସରକାର ଜିରୋ ଟୋଲେରେନ୍ସ ଅଙ୍କୁଶ ଲଗାଇ ଥିବା ବେଳେ ଏହାକୁ ପ୍ରତିହତ କରିବାରେ କେନ୍ଦୁଝର ପୋଲିସର ତତ୍ପରତା ବୃଦ୍ଧି ପାଇଛି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କେନ୍ଦ୍ରାପଡା, ୧୩/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରାପଡା ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ୍ ଆଁ. ଆର୍ୟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ପ୍ରାଣୀ ସମ୍ପଦ ବିଭାଗର ସହକାରୀ ନିର୍ଦ୍ଦେଶକ ମନୀସ କୁମାର ସିଂ, ଏସ୍ଡିଭିଓ ସୁଧାଂଶୁ ସାମନ୍ତ ରାୟ, ବିଡିଓ ଅଭିଷେକ ସ୍ୱାଇଁ, ଏଡିଭିଓ (ଏଲ୍.ପି) ବିକାଶ ବେହେରା, ବିଜେପି ନେତା ଅମିତାବ ସୁଆର, ଏଏଫ୍ଓ ମୋନାଲିସା ପଣ୍ଡା ପ୍ରମୁଖ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଥିବା ଚାଷୀ ମାନଙ୍କୁ ଅବଗତ କରାଇଥିଲେ ।

# ପତ୍ନୀଙ୍କୁ ଝିଅ ଜନ୍ମ କରିଥିବାରୁ ନିର୍ଯାତନା ନେଇ ମହିଳା ଥାନାରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ

ଜୟପୁର, ୧୩/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନାରେ ପତ୍ନୀ ଝିଅ ଜନ୍ମ ହୋଇଥିବା ନେଇ ନିର୍ଯ୍ୟାତନା ଏବଂ ପତ୍ନୀ ନାବାଳିକା ସମୟରେ ଅଭିଯୁକ୍ତ ସ୍ୱାମୀ ତାଙ୍କୁ ବିବାହ କରିବା ସହ ଦୈହିକ ସମ୍ପର୍କ ରଖିଥିବା ନେଇ ପତ୍ନୀଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଛି। ଏଥିନେଇ ମହିଳା ଥାନାରେ ବିବାହ ନାରୀ ନିର୍ଯ୍ୟାତନା, ନାବାଳିକା ଉତ୍ପିଡନା ଏବଂ ମହିଳାଙ୍କୁ ମାଡମାରିବା ଧାରା ଅନୁଯାୟୀ ସ୍ୱାମୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ କୋରାପୁଟ ଜିଲ୍ଲା ପଟଙ୍ଗୀ ଥାନା ଅଂଚଳର ଅଭିଯୋଗକାରିଣୀ ଗତ ତିନି ବର୍ଷ ପୂର୍ବେ ଅଭିଯୋଗକାରିଣୀ ସୁନାବେଢା ମହାବିଦ୍ୟାଳୟରେ ପଢୁଥିବା ବେଳେ ପଟାଙ୍ଗି ଥାନା କୁନ୍ଦୁଲି ଗ୍ରାମର ଯୁବକ ସାଜିତ ବାଡବୁରା (୨୫)ତାଙ୍କୁ ପ୍ରେମ ନିବେଦନ କରିବା ସହିତ ନାବାଳିକା ସମୟରେ ଜୋରଜବରଦସ୍ତ ଦୈହିକ ସମ୍ପର୍କ ରଖୁଥିଲେ। ଶେଷରେ ଏହି ଘଟଣା ପ୍ରଘୋଟ ହେବା ପରେ ଉଭୟ ପରିବାର ଆପୋଷ ବୁଝାମଣା ଏବଂ ନିଜ ଧର୍ମ ଅନୁଯାୟୀ ରୀତିନୀତିରେ ବିହାର କରିଥିଲେ। ଏହିପର ଗତ ୨୦୧୪ ଫେବୃୟାରୀ ମାସରେ ଏକ କନ୍ୟା ସନ୍ତାନକୁ ଜନ୍ମ କରିଥିଲେ। କିନ୍ତୁ ଅଭିଯୁକ୍ତ ସ୍ୱାମୀ ସାଜିତ ପତ୍ନୀଙ୍କୁ କନ୍ୟା ସନ୍ତାନ ଜନ୍ମ କରିଥିବା ନେଇ ନିର୍ଯାତନ ଦେବା ସହିତ ମାଡ ମାରୁଥିଲେ। ଏହିପରି ଅନ୍ୟାନ୍ୟ ଯୁବତୀ ଓ ଝିଅ ମାନଙ୍କ ସହିତ ଅନୈତିକ ସମ୍ପର୍କ ରଖୁଥିବା ନେଇ ଶେଷରେ ଗତି କିଛିମାସ ପୂର୍ବରୁ ପତ୍ନୀ ନିଜ ବାପା ଘରକୁ ଆସି ରହୁଛନ୍ତି। ଏହିପରି ସମସ୍ତ ଅଭିଯୋଗ ନେଇ ପତ୍ନୀ ମହିଳା ଥାନାର ଦ୍ୱାରସ୍ତ ହେବା ପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି ଥାନା ଅଧିକାରୀ ଆଶ୍ରିତା ଲାକ୍ରା ପ୍ରକାଶ କରିଛନ୍ତି।

# କେନ୍ଦ୍ରାପଡା ବାଲିଯାତ୍ରା ଉଦ୍ଯାପିତ

କେନ୍ଦ୍ରାପଡା, ୧୩/୧୧ (ନି.ପ୍ର): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ୨୦୨୫ର ଉଦ୍ଯାପନି ଉତ୍ସବ ବାଲିଯାତ୍ରା ମହୋତ୍ସବର ସଭାପତି ପ୍ରଦିପ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ବରିଷ୍ଠ ଆଇନଜୀବୀ ସଂଜ୍ଞୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଜାମ୍ବର ମହାନ୍ତି ଯୋଗଦାନ କରି କହିଲେ ମାନବୀୟ ଗୁଣାବଳିର ବିକାଶ ଘଟିଲେ କେନ୍ଦ୍ରାପଡାର ବୌଦ୍ଧିକ ବିକାଶ ଘଟିବ ଓ କେନ୍ଦ୍ରାପଡାର ଜନ୍ମିତ ତଅପୋଇ ଆତ୍ମା ଶାନ୍ତି ଲାଭ କରିବେ, ଅତ୍ୟାଚାରିତ ଆଧୁନିକ ତଅପୋଇମାନେ ଶାନ୍ତି ଲାଭ କରିବେ । ବରେଣ୍ୟ ଅତିଥିଭାବରେ ସ୍ୱାମୀଦିବ୍ୟ ସ୍ୱରୁପା ନନ୍ଦ ସରସ୍ୱତୀ ଯୋଗଦାନ କରି ବାଲିଯାତ୍ରାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ସମ୍ମାନୀୟ ଅତିଥି ଭାବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚାନ୍ଦ, ୱାଲଡ ୱାଚର ରାଜ୍ୟ ସମ୍ପାଦକ ଦିଲୀପ ଦାସ, ବିଜେପିର ଜିଲ୍ଲା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ଦାସ ଯୋଗଦାନ କରି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଯୋଗଦାନ କରି ବାଲିଯାତ୍ରାର ଦୀର୍ଘ ଜୀବୀଲାଗି ସମସ୍ତ ପ୍ରକାରର ସାହାର୍ଯ୍ୟ ଓ ସହଯୋଗ କରିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ଦାସଙ୍କୁ କେନ୍ଦ୍ରାପଡା ଜିଲ୍ଲା ଶ୍ରେଷ୍ଠ ସ୍ୱର୍ଣ୍ଣକାର ସମ୍ମାନ ଉତ୍ତରୀୟ, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରି ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସଭାପତି ଧିରେନ୍ଦ୍ର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ପ୍ରତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ, ସତ୍ୟବ୍ରତ ସିହ, ମୃତ୍ୟୁଞ୍ଜୟ ସାହୁ, ପିତବାସ ବେହେରା, ଟୁଟୁ ଗେରୁ, ରାଜୁ କୁବେର, ପଂଚାନନ ଗେରୁ, ମୃତ୍ୟୁଞ୍ଜୟ ମହାନ୍ତି, ଶ୍ରୀଧର ମହାନ୍ତି, ଗୋଲକ ପରିଡା, କରୁଣାକର ଦାସ, ଦିପକ କୁମାର ସାହୁ, କାକୁଲି ମଲ୍ଲିକ, ଅଶୋକ ସାହୁ, ପିତବାସ ଦାସ ସମେତ ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥରଲେ । ଶେଷାରେ ବିକ୍ରମ ରାଉତ ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଚତୁର୍ଥ ବାର୍ଷିକ ଟୁଣା ଗମ୍ଭାରିଆ ପ୍ରିମିୟର ଲିଗ ଉଦ୍‌ଯାପିତ: ନନା-୧୧ ଚମ୍ପିୟାନ



ବଡ଼ସାହି, ୧୩/୧୧ (ନି.ପ୍ର): ବଡ଼ସାହି ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ ଟୁଣା ଗମ୍ଭାରିଆ ପଡିଆରେ ମା କାଳିକା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ଏହାର ଚତୁର୍ଥ ବାର୍ଷିକ ପ୍ରିମିୟର ଲିଗ ମ୍ୟାଚ ଉଦଯାପିତ ହୋଇଯାଇଛି । ଏଥିରେ ୫ଟି ଟିମ ଭାଗ ନେଇ ଥିଲେ । ଉନ୍ନତ ଖେଳ ପ୍ରଦର୍ଶନ କରି ନନା-୧୧ ଓ ଗଣେଶ ଗୁଗୁ ଫାଇଟର ଫାଇନାଲକୁ ଉନ୍ନତି ହୋଇଥିଲେ । ଗଣେଷ ଗୁଗୁ ଫାଇଟର ଟସ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲେ । ଜବାବରେ ନନା- ୧୧ ୧୪.୩ଟି ବଲ ଖେଳି ୫ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ଚଳିତ ବର୍ଷ ଚମ୍ପିୟାନ ହୋଇଛି ।ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମା କାଳିକା କ୍ରିକେଟ କ୍ଲବର ସଭାପତି ସ୍ମୃତି ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ଯୋଗ ଦେଇ ଖେଳାଳି ଓ କ୍ଲବର କର୍ମକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନୀୟ ଅତିଥି ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ଏସଡିସି ଚେୟାରମ୍ୟାନ ଦେବାଶିଷ ମାରାଣ୍ଡି, ବ୍ଲକ ଅଧକ୍ଷ୍ୟା ମିନତୀ ସିଂ, ଯାମିନୀ କାନ୍ତ ନାଏକ, ବୃନ୍ଦାବନ ଦାସ, ଲଲାଟେନ୍ଦୁ ବେହେରା, ଦୀପକ ପାତ୍ର, ସରପଞ୍ଚ ହରିଶ୍ଚନ୍ଦ୍ର ମୁର୍ମୁ ଓ ସମିତି ସଭ୍ୟା ମିନତୀ ସିଂ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଓ ରନର୍ସଅପ ଟିମକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଆମ୍ପାୟାର ଭାବେ ଶାନ୍ତନୁ କୁମାର ସାମଲ ଓ ତପନ କୁମାର ଦ୍ୱିବେଦୀ ଖେଳ ପରିଚାଳନା କରିଥିଲେ । କ୍ଲବର ସମ୍ପାଦକ ଅଜୟ କୁମାର ସାମଲଙ୍କ ସହିତ ସଦସ୍ୟ ଶୁଭାଶିଷ କର, ଭବାନୀ ଶଙ୍କର ସାମଲ, ଶୁଭ୍ରଜିତ ପଣ୍ଡା, ଅଜୟ କୁମାର ସାମଲ, ଗଗନ ସାମଲ, ତାପସ କର, ରବିନ୍ଦ୍ର ମାହାର୍ଣ୍ଣା, ସୁଧାଂଶୁ ରଥ ଓ ଶାନ୍ତନୁ କର ସହଯୋଗ କରିଥିଲେ।

# ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ଗ୍ରାମବାସୀମାନେ ପ୍ରଶାସନଙ୍କଠାରେ ଦ୍ୱାରସ୍ଥ ଓ ଦାବିପତ୍ର ପ୍ରଦାନ



ଜଳେଶ୍ୱର, ୧୩/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ବାଣିଦା ଗାଁର ଯୋଡ଼ାଗଡ଼ିଆ ପୋଖରୀକୁ ଅମୃତ ସରୋବର ଯୋଜନାରେ କାର୍ଯ୍ୟ କାରୀତା ନେଇ ପ୍ରକ୍ରିୟା ଆରମ୍ଭ ହେବା ସ୍ୱରୋପ ପୋଖରୀକୁ ଲାଗି ଗ୍ରାମ ଜଙ୍ଗଲ କିସମ ଜାଗାରେ ପୁରୁଷ ପୁରୁଷ ଧରି ଭୂମିହୀନ ଭାବେ ରହିଆସୁଥିବା ଆଦିବାସୀ,ହରିଜନ ଓ ପେଟ ପୋଷିବା ପାଇଁ ଛୋଟ ଦୋକାନ କରି ବସିଥିବା ଦୋକାନୀ ମାନଙ୍କୁ ଉଠିଯିବା ପାଇଁ ନୋଟିସ୍ ଦିଆଯାଇଛି ।ପ୍ରକାଶ ଥାଉକି ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପରିଡ଼ାଙ୍କ ସୂଚ୍ନା ଅନୁଯାୟୀ ସରକାରଙ୍କ ନିର୍ଦ୍ଦେଶାବଳି ଅନୁସାରେ ୧ ଏକରରୁ ବେଶୀ ଥିବା ପୋଖରୀକୁ ମାନସ ସରୋବର ଯୋଜନାରେ ଅନ୍ତର୍ଭୁକ୍ତ କରିବାର ନିର୍ଦ୍ଦେଶନାମା ରହିଥିବାବେଳେ ଗାଁ ରେ ଥିବା ଭୂୟାଁ ପୋଖରୀ ଓ ବଉଳପୋଖରୀ ଯାହା ଏକ ଏକରୁ ବେଶୀ ହେବ ।ସେହି ପୋଖରୀକୁ ଅନ୍ତର୍ଭୁକ୍ତ କରାନଯାଇ ପୁଣି ଏଠାକାର ଜାଗାରେ ସାଧାରଣ ଲୋକ ପ୍ରଭାବିତ ନ ହେବାର ଥାଇ ଯୋଡ଼ାଗଡ଼ିଆ ପୋଖରୀ ଯାହାର ଆୟତନ ଏକ ଏକରରୁ ଢେର୍ କମ୍ ପୁଣି ଲୋକଙ୍କର ଧନ ଜୀବନ ହାନୀ ହେବାର ଥାଇ ଏହି ପୋଖରୀକୁ ଅମୃତ ସରୋବର ପୋଖରୀ ଭାବେ କାର୍ଯ୍ୟକାରୀତାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ ରଖି ପୁନଃବିଚାର କରିବାକୁ ଆଜି ଗ୍ରାମବାସୀଙ୍କ ସହିତ ମିଳିତ ଆଦିବାସୀ ଅଧିକାର ମଞ୍ଚ ଓ ଭିଟାମାଟି ସୁରକ୍ଷା ମଞ୍ଚ ସୁଗୋ,ବାଣିଦା ଶାଖାର ନେତୃତ୍ୱ ପ୍ରତିନିଧିମାନେ ସ୍ଥାନୀୟ ପ୍ରଶାସନ ତହସିଲ୍‌ଦାର ଓ ବି.ଡ଼ି.ଓ.ଙ୍କ ପାଖରେ ଲିଖିତ ମାଧ୍ୟମରେ ଜଣାଇବା ସହିତ ଅଧିକାରୀମାନଙ୍କ ଦ୍ୱାରା ଜିଲ୍ଲାପାଳ ବାଲେଶ୍ୱର ମହୋଦୟଙ୍କ ଗୋଚ୍ରାଥେ ଦାବୀପତ୍ର ପ୍ରଦାନ କରିଛନ୍ତି । ମିଳିତ ମଞ୍ଚର ଆବାହକ ପଲଟୁ ଦାସ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଜୟନ୍ତୀ ପରିଡ଼ା ସମେତ ଓ୍ୱାର୍ଡ଼ ସଭ୍ୟା ପ୍ରତିନିଧି ଭାବେ ଗଣେଶ ଦାସ, ଅନୀଲ ମହାନ୍ତି,ସୁଶାନ୍ତ ମହାନ୍ତି, ଗୌରୀକାନ୍ତ ମହାନ୍ତି, ଉଜ୍ଜଳ ମହାନ୍ତି, ସୁନୀଲ୍ ମହାନ୍ତି, ଭାରତୀ ମହାନ୍ତି,ଦୀପକ ଦାସ,ଝରଣା ଘଡ଼ାଇ,ଜାମିନି ପାତ୍ର,ବେବୀ ମହାନ୍ତି, ମଧୁ ହାଁସଦା,ସନ୍ଧ୍ୟାରାଣୀ ହାଁସଦା, କୁନା ଟୁଡ୍ର,ରୁହ୍ୟା ଟୁଡ୍ର, ସୁନାଲି ହାଁସଦା, ସଞ୍ଜୟ ମହାନ୍ତି, ବେବି ମହାପାତ୍ର, ଆଦି ପ୍ରମୁଖ ନେତୃତ୍ୱ ପ୍ରତିନିଧିମାନେ ପ୍ରଶାସନ ଅଧିକାରୀଙ୍କୁ ଜଣାଇବା ଓ ଦାବୀ ପତ୍ର ପ୍ରଦାନରେ ଉପସ୍ଥିତ ଥିଲେ ଲୋକଙ୍କ ସ୍ୱାର୍ଥକୁ ରକ୍ଷାକରି ପ୍ରସ୍ତାବିତ ପ୍ରକଳ୍ପକୁ ପରିବର୍ତ୍ତନ କରା ନ ଗଲେ ଉପସ୍ଥିତ ଥିବା ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲିପ କୁମାର ଗିରି ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଚ୍ଚେତାବନୀ ଦେଇଛନ୍ତି।

## ବନ ବିଭାଗ ପକ୍ଷରୁ ଚଢ଼ାଉ: ୬୧ଟି କାଠ ପଟା ଜବତ

ମାଲକାନଗିରି, ୧୩/୧୧ (ନି.ପ୍ର): ମାଲକାନଗିରି ବନ ବିଭାଗ ପକ୍ଷରୁ ଏମ୍‌ଭି ୨୪ ଗ୍ରାମରେ ବିପୁଳ କାଠ ଜବତ ଥିବା ନେଇ ଭରସାଯୋଗ୍ୟ ସୂଚନା ମିଳିବା ପରେ ସେଠାରେ ଚଢାଉ କରି ବିପୁଳ କାଠ ଜବତ କରାଯାଇଛି । ତଥ୍ୟ ଅନୁଯାୟୀ ମାଲକାନଗିରି ବନାଂଚଳ ଅଧିନରେ ଥିବା ଏମ୍‌ଭି ୨୪ରେ ଅବୈଧ ଭାବରେ କାଠ ସଂଗ୍ରହ ଓ ବ୍ୟବସାୟ ହେଉଥିବା ନେଇ ବନ ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା । ଏହି ଆଧାରରେ ମାଲକାନଗିରି, ଚିତ୍ରକୋଣ୍ଡା, ମୋଟୁ ଓ ବାଲିମେଳା ରେଞ୍ଜର ବନ ବିଭାଗ ଷ୍ଟାଫ୍‌ମାନଙ୍କ ମିଳିତ ଦଳ ଦ୍ୱାରା ମାଲକାନଗିରି ରେଞ୍ଜ ଅଧିନ ଏମ୍‌ଭି ୨୪ ଗ୍ରାମରେ ମିଳିତ ଚଢ଼ାଉ କରଯାଇଥିଲା । ଏହି ଅଭିଯାନ ସମୟରେ ମୋଟ ୬୧ଟି କାଠ ପଟା ଜବତ କରାଯାଇଛି, ଯାହା ଅବୈଧ ଭାବରେ ବ୍ୟବସାୟ ପାଇଁ ସଂଗ୍ରହ କରାଯାଇଥିଲା ବୋଲି ଜଣାପଡିଛି । ଏହି ଘଟଣା ସମ୍ପର୍କରେ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ୍ୟାୟିକ ବିଚାର ପାଇଁ ଅଦାଲତରେ ହାଜର କରାଯାଇଛି ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ




ଜଳେଶ୍ୱର, ୧୩/୧୧ (ନି.ପ୍ର): ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଜଳେଶ୍ୱର ବ୍ଲକ ଶିଖରପୁର ସ୍କୁଲ ପଡ଼ିଆ ପରିସରରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି ।ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ସଭାପତିତ୍ୱ କରିଥିଲେ। ଭୋଗରାଇ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚିନ୍ମୟ କୁମାର ସାହୁଙ୍କ ଆହ୍ୱାନରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ରବିନାରାୟଣ ପଟ୍ଟନାୟକ,ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ରେଶମା ରାଣୀ ସିଂ,ବରଣ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧକ୍ଷା ଅନୁସୂୟା ପ୍ରଧାନ,ବ୍ଲକ ଅଧକ୍ଷ ମାନସ କୁମାର ଜେନା,ଉପାଧକ୍ଷା ସଞ୍ଜିତା ସେନାପତି,ଶିଖରପୁର ସରପଞ୍ଚ ବିଦ୍ୟାଧର ମଲ୍ଲିକ,ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶିଶିର କୁମାର ଲେଙ୍କା,ଅବସରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଜୀବନକୃଷ୍ଣ ସାହୁ,ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଅଜିତ କୁମାର ସାମଲ,ପରିଚାଳନା ଜଳେଶ୍ୱର ସହକାରୀ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ତ୍ରିଲୋଚନ ମହାପାତ୍ର,ଅନ୍ୟ ମାନଙ୍କ ମଧ୍ୟରେ ମତ୍ସ୍ୟ ବିଭାଗର ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ଦେ,ବସ୍ତା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲଲାଟେନ୍ଦୁ କେଶରୀ ଦାସ,ସିଡିପିଓ ମିନତି ସିଂ,ବ୍ଲକ ଜୀବିକା ମିଶନ ସଂଯୋଜକ ନିରଞ୍ଜନ ନାୟକ,ବ୍ଲକ ମିଶନ ଶକ୍ତି ସଂଯୋଜକ ସନ୍ତୋଷ କୁମାର ପାତ୍ର,କୃଷି ଓ କୃଷି ଯନ୍ତ୍ରପାତି,ପ୍ରାଣୀ ସମ୍ପଦ ଅଧୀନ ଗାଈ ଓ ମଇଁଷି,ଉଦ୍ୟାନ ବିଭାଗର ବିଭିନ୍ନ ଫଳ ଓ ତୈଳ ଜାତୀୟ ପଦାର୍ଥ ପ୍ରଦର୍ଶନ କରାଯାଇ ଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନୀଳଗିରିରେ ଏକତା...

ଏକତାର ସୂତ୍ରରେ ବାନ୍ଧିବାପାଇଁ ସର୍ଦ୍ଦାର ପଟେଲଙ୍କ ଉଦ୍ୟମ ଫଳରେ ଶେଷରେ ୫୬୪ଗୋଟି ଦେଶୀୟରାଜ୍ୟ ସ୍ୱାଧୀନଭାରତରେ ମିଶ୍ରଣ ହୋଇପାରିଥିଲା ।ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ଡ଼ଃ ହରେକୃଷ୍ଣ ମହତାବ ନୀଳଗିରି ଗଡଜାତକୁ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ କରିବାକୁ ପ୍ରବର୍ତ୍ତାଇ ଦସ୍ତଖତ କରିପାରିଥିଲେ। ପରେପରେ ଅନ୍ୟ ଦେଶୀୟରାଜ୍ୟ ଗୁଡିକ ଭାରତରେ ସାମିଲ ହୋଇଥିଲା। ତେଣୁ ଏଭଳି ଐତିହାସିକ ମାଟିରୁ ପ୍ରଥମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଯୁବବର୍ଗ ଏକତାର ସୂତ୍ରରେ ବାନ୍ଧିହୋଇ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରର ମୋଦି ସରକାର ଦେଶ ସ୍ୱାଧିନତାର ଶତବାର୍ଷିକ ପୂର୍ବରୁ ଭାରତକୁ ବିଶ୍ୱଗୁରୁ କରିବାସହିତ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ କରିବାର ଦୃଢ଼ପ୍ରତିଜ୍ଞ ଅଛନ୍ତି। ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀଙ୍କ କାନ୍ଧରେ କାନ୍ଧ ମିଳାଇ ଆଗେଇ ନେବା ସହିତ ସଶକ୍ତ ଓ ସମୃଦ୍ଧ ଓଡ଼ିଶାଗଠନରେ ଯୁବପିଢିଙ୍କୁ ନେତୃତ୍ୱ ନେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ଏଥିପାଇଁ ଓଡ଼ିଶା ସରକାର ସଚେତନ ଥିବା କହିଛନ୍ତି। ଆଜିର ଏହି ଏହି ଗଣପଦଯାତ୍ରା ଭିନ୍ନତାରେ ଏକତାର ସନ୍ଦେଶ ଦେଇଥିବା ସୂଚନା ଦେଇଥିଲେ। ଏହି ପଦଯାତ୍ରା ଅବସରରେ ରାଜ୍ୟ ଉଚ୍ଚଶିକ୍ଷା, ସଂସ୍କୃତି ଯୁବବ୍ୟାପାର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେଇ ଯୁବସମାଜ ଦେଶଗଠନରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ବଡସାହି ବିଧାୟକ ସନାତନ ବିଜୁଳି,ରାଜ୍ୟ ମହିଳାକମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି, ସାମାଜିକ କର୍ମୀ ଈଶ୍ୱର ଚନ୍ଦ୍ର ବେହେରା, ଡ଼ଃ ପ୍ରଦୀପ୍ତ ପଣ୍ଡା ଏବଂ ରନ୍ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଶେଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ। ଏହି ଏକତାପଦଯାତ୍ରା ମିତ୍ରପୁର କଲେଜ ଖେଳପଡିଆରେ ସମାପ୍ତ ହୋଇଥିବାବେଳେ ହଜାର ହଜାର ପଦଯାତ୍ରୀ ଭୋଜନ ଖାଇଥିଲେ। ମାତ୍ର ମିତ୍ରପୁର ଠାରେ ଏହି ସମାପନ କାର୍ଯ୍ୟକ୍ରମରେ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତି ଲୋକଙ୍କୁ ହତାଶା କରିଥିଲା।

### କ୍ରାଇମବ୍ରାଂଚଠୁ ...

ବିଜ୍ଞପ୍ତି ଆଧାରରେ ଭୁବନେଶ୍ୱର ସିବିଆଇ ଅଫିସ୍ ଦ୍ୱାରା ୧୨ତାରିଖରେ ବିଧିବଦ୍ଧ ଏଫଆଇଆର ରୁଜୁ ହୋଇଛି । ଏଫଆଇଆରରେ କିଛି ନୂଆ ତଥ୍ୟ କିମ୍ବା କାହାରିକୁ ଅଭିଯୁକ୍ତ ଦର୍ଶାଇନାହିଁ ସିବିଆଇ, କେବଳ ଗୋଳନ୍ଥରା ଥାନା ଓ କ୍ରାଇମବ୍ରାଂଚରେ ହୋଇଥିବା ଏଫଆଇଆରକୁ ସାନି ରୁଜୁ କରିଛି। ଅତିରିକ୍ତ ଏସପି ବି.ସାମଲଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଭୁବନେଶ୍ୱର ସିବିଆଇ(ଦୁର୍ନୀତି ନିବାରଣ ବ୍ୟୁରୋ)ର ଡିଆଇଜି ଅଖିଳେଶ କୁମାର ସିଂ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି ।

### ଆଜି ଖୋଲିବ...

କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସମସ୍ତ ଗଣନା ପ୍ରକ୍ରିୟା ସିସିଟିଭି ନଜରରେ କରାଯିବ ଓ ଏସବୁର ଭିଡିଓ ରେକର୍ଡିଂ ହେବ । ଏହାର ତଦାରଖ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ପୋଲିସ ପ୍ରଶାସନ ଉପସ୍ଥିତ ରହିବେ । ଅନ୍ତିମ ରାଉଣ୍ଡ ଶେଷ ହେବା ପରେ ନିର୍ବାଚନ ଅଧିକାରୀ ଦ୍ୱାରା ବିଜେତା ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ଓ ତାଙ୍କୁ ଜୟ ସନଦ ପ୍ରଦାନ କରାଯିବ । ସେପଟେ ବିହାର ବିଧାନସଭାର ୨୪୩ ଆସନରେ ମତଦାନ ଶେଷ ପରେ ଏବେ ଭୋଟ ଗଣତି ପ୍ରସ୍ତୁତି ଚଳାଇଛନ୍ତି ନିର୍ବାଚନ କମିସନ । ଏଗଜିଟପୋଲ ପୋଲ ଆସିସାରି ଥିବା ବେଳେ ଏବେ ଆକଜାଟ ପୋଲ ଉପରେ ସମସ୍ତଙ୍କ ନଜର ରହିଛି । ଆସନ୍ତାକାଲି ବିହାର ଭୋଟ ଗଣତି ସକାଳ ୮ଟାରୁ ଆରମ୍ଭ ହେବ । ୩୮ ଜିଲ୍ଲାରେ ଭୋଟ ଗଣତି ପାଇଁ ୪୬ଟି ମତଗଣନା କେନ୍ଦ୍ର କରାଯାଇଛି । ସାଧାରଣତଃ ଗୋଟିଏ ଜିଲ୍ଲାରେ ଥିବା ସମସ୍ତ ବିଧାନସଭା ଆସନର ଭୋଟ ଗଣତି ପାଇଁ ଜିଲ୍ଲା ମୁଖ୍ୟାଳୟରେ ମତଗଣନା କେନ୍ଦ୍ର ହୋଇଥାଏ । କିନ୍ତୁ ନିର୍ବାଚନ କମିସନ ବିହାରର କିଛି ଜିଲ୍ଲା ଏକରୁ ଅଧିକ ମତଗଣନା କେନ୍ଦ୍ର କରିଛନ୍ତି । ଆସନ୍ତାକାଲି ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ । ପ୍ରତ୍ୟେକ ବିଧାନସଭା ଆସନରେ ୧୪ଟି ଟେବୁଲରେ ଭୋଟ ଗଣତି ପାଇଁ ବ୍ୟବସ୍ଥା ହୋଇଛି । ଏଥର ପୋଷ୍ଟାଲ ବାଲାଟର ଗଣତି ନିୟମକୁ ପରିବର୍ତ୍ତନ କରାଯାଇଛି । ଶେଷ ଦୁଇ ରାଉଣ୍ଡ ଗଣତି ପୂର୍ବରୁ ପୋଷ୍ଟାଲ ବାଲାଟର ଗଣତି ହେବ । ଯେତ ଗଣତି ରାଉଣ୍ଡ ଆଗକୁ ବଢିବ ବିଧାନସଭା ଆସନରେ ଫଳାଫଳ ସେତେ ସ୍ପଷ୍ଟ ହେବାରେ ଲାଗିବ । ଅପରାହ୍ନ ୨ଟା ସୁଦ୍ଧା ବିହାରରେ ସରକାର କିଏ ଗଢ଼ିବ, କେଉଁ ଆସନରେ କିଏ ବିଜୟୀ ହେବ ସ୍ପଷ୍ଟ ଚିତ୍ର ଆସିଯିବା ସମ୍ଭାବନା ରହିଛି ।

### ଅତିଥି ଶିକ୍ଷକ ଓ ଅଧ୍ୟାପକଙ୍କୁ ...

ଗୋଟେ ପଟେ ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି ପାଇଁ ପ୍ରୋତ୍ସାହନ ଦେଉଛନ୍ତି ସରକାର । ଅନ୍ୟପଟେ ନିଯୁକ୍ତି ଆଶାରେ ରାଜରାସ୍ତାରେ ଶହ ଶହ ଯୁବକଯୁବତୀ । ଏଭଳି ସ୍ଥିତିରେ କଣ ହେବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ତାକୁ ନେଇ ଚିନ୍ତା ବଢିଛି । ରାଜ୍ୟରେ ଖାଲିପଡିଥିବା ଶିକ୍ଷକ ଓ ଅଧ୍ୟାପକ ପଦ କେବେ ପୂରଣ ହେବ ଓ ସେ ନେଇ କଣ ରହିଛି ଯୋଜନା ସେ ନେଇ ସବିଶେଷ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ ।

### ଡିସେମ୍ବର ୬ର ଦୋହଲି ...

ଆହୁରି ବଡ଼ ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲା ହ୍ୱାଇଟ୍-କଲାର ଆତଙ୍କବାଦୀ ମଡ୍ୟୁଲ। ଡିସେମ୍ବର ୬ରେ ଦିଲ୍ଲୀ ଦେଖିଥାନ୍ତା ଭୟଙ୍କର ଧ୍ୱଂସଲୀଳା। ଫରିଦାବାଦ ଓ ଗୁରୁଗ୍ରାମ ସମେତ ଦିଲ୍ଲୀର ୬ଟି ସ୍ଥାନରେ ହୋଇଥାନ୍ତା ବଡ଼ ବ୍ଲାଷ୍ଟ। ଦିଲ୍ଲୀର ଏହି ସବୁ ସ୍ଥାନ ରହିଥିଲା ଆତଙ୍କୀଙ୍କ ଟାର୍ଗେଟରେ- ଜନବହୁଳ ଅଞ୍ଚଳ ଇଣ୍ଡିଆ ଗେଟ୍, ରେଲୱେ ଷ୍ଟେସନ, ଲାଲକିଲ୍ଲା, ଗୌରୀ ଶଙ୍କର ମନ୍ଦିର, କନଷ୍ଟିଟ୍ୟୁସନ କ୍ଲବ ଏବଂ କିଛି ପ୍ରମୁଖ ସପିଂ ମଲ୍। ଏହି ଜାଗା ଗୁଡ଼ିକରେ କାର ବର୍ଡ଼ ବିସ୍ଫୋରକରେ ହୋଇଥାନ୍ତା ବ୍ଲାଷ୍ଟ । ତେବେ କାହିଁକି ଡିସେମ୍ବର ୬କୁ ବାଛିଥିଲେ ଆତଙ୍କୀ ? କାରଣ ୧୯୯୨ ମସିହା ଡିସେମ୍ବର ୬ରେ ହିଁ ଅଯୋଧା ବାବ୍ରି ମସଜିଦ ଭାଙ୍ଗି ଦିଆଯାଇଥିଲା। ଏଣୁ ସେହି ଦିନକୁ ହିଁ ରକ୍ତର ହୋଲି ଖେଳିବାକୁ ବାଛିଥିଲେ ଆତଙ୍କବାଦୀ । ବାବ୍ରି ମସଜିଦ୍ ଭଙ୍ଗା ଘଟଣାର ପ୍ରତିଶୋଧ ପାଇଁ ହୋଇଥିଲା ସିରିଜ୍ ବ୍ଲାଷ୍ଟ ପ୍ଲାନ୍।

### ଅଶାନ୍ତ ବାଂଲାଦେଶ...

ଆଖପାଖ ସହରମାନଙ୍କରେ ବିକ୍ଷୋଭକାରୀ ନିଆଁ ଲଗାଇଛନ୍ତି ଓ ବୋମା ବିସ୍ଫୋରଣ ଭଳି ହିଂସାକାଣ୍ଡ ଘଟାଇଛନ୍ତି । ଶେଖ ହାସିନାଙ୍କ ପୂର୍ବତନ ଦଳ ଆୱାମୀ ଲିଗ୍ ପକ୍ଷରୁ ଦେଶବ୍ୟାପୀ 'ଲକ୍‌ଡାଉନ୍' ପାଳନ ପାଇଁ ଡାକରା ଦେଇଛି । ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଢାକା ସମେତ ସାରା ଦେଶରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପୋଲିସ୍, ସେନା ଓ ବର୍ଡର ଗାର୍ଡଙ୍କୁ ମୁତୟନ କରାଯାଇଛି। ପ୍ରସିକ୍ୟୁସନ୍ ପକ୍ଷରୁ ଶେଖ ହାସିନାଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପରେ ବାଂଲାଦେଶର ରାଜନୀତି କେଉଁ ମୋଡ଼ ନେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

# ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା




ଭଦ୍ରକ, ୧୩/୧୧ (ନି.ପ୍ର): ଭଦ୍ରକ ଭୂମି ତ୍ୟାଗ,ତିତିକ୍ଷା, ସଂଗ୍ରାମ ଓ ବଳିଦାନର ଭୂମି ଭାବେ ଯେପରି ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ସୁବର୍ଣ୍ଣ ସ୍ୱାକ୍ଷର ଆଙ୍କିଛି ସେପରି ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମଗ୍ର ଉତ୍କଳର ଅନନ୍ୟ ସ୍ଥାନ ଭାବେ ଆଦୃତ ହୋଇଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଭଳି ଅମର କବି ଜାତୀୟବାଦୀ ସଂଗୀତର ସାରସ୍ୱତ ଝଙ୍କାର ତୋଳି ସ୍ୱାଧୀନତା ସଂଗ୍ରାମକୁ ତେଜିୟାନ କରିଥିବା ବେଳେ ବିପ୍ରକବି ବଂଶୀ ବଲ୍ଲଭ ଗୋସ୍ୱାମୀ,ଲୋକକବି ଜଗନ୍ନାଥ ପାଣି, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, କେଶବକବି କୃଷ୍ଣପ୍ରସାଦ ବେହେରା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ ସାଧକ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ଚତୁର୍ଥ ସଂନ୍ଧ୍ୟାକୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି ରେ ଉତ୍ସର୍ଗୀତ ହେବା ସହ 'ଭଦ୍ରକର ସଂସ୍କୃତି, ଐତିହ୍ୟ ଓ ପରମ୍ପରା'ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜାତୀୟତାବାଦୀ ଆନ୍ଦୋଳନ ପୃଷ୍ଠାରେ ଭଦ୍ରକ' ମହୋତ୍ସବର ଉପଦେଷ୍ଟା, ଶିକ୍ଷାବିତ ଗୟାଧର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ପୌରଧକ୍ଷା ଗୁଲମକ୍କୀ ଦଲଓ୍ୱାଜୀ ହବିବ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅବସର ପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ଧଳ, ବରିଷ୍ଠ ସାହିତ୍ୟିକ ଓ ସଙ୍ଗଠକ ବାବୁଲାଲ ଦାସ ବରେଣ୍ୟ ଅତିଥି ଏବଂ ବରିଷ୍ଠ କବି ଉମେଶ ଚନ୍ଦ୍ର ମହାପାତ୍ର ବରେଣ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କବୟିତ୍ରୀ ରତିକା ନାୟକ ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ରବି ନାରାୟଣ ଖିଲାର ଅତିଥି ପରିଚୟ ଓ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ ପ୍ରଦାନ ଏବଂ ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ। ବର୍ଷା ରାଣୀ ପୁହାଣ ଓ ଅଙ୍କିତା ପୁହାଣ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଏବଂ ଡା.ଅନିଲ କୁମାର ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ, ମମତା ବଳ ଓସୀମନ୍ତିନୀ ବାରିକ ଓ ଦମୟନ୍ତୀ ରାଉତ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ କାର୍ଯ୍ୟକ୍ରମକୁ ମିଡ଼ିଆ ସେଲ୍ ଅଧକ୍ଷ ପ୍ରମୋଦ କୁମାର ରାୟ, ସୁଶ୍ରୀ ଅଞ୍ଜନା ମିଶ୍ର, କଳ୍ପନା ଜେନା , ପ୍ରଭାକର ପରିଡ଼ା, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ।

# ଅନିଶ୍ଚିତତାରେ ସୁବର୍ଣ୍ଣରେଖା ମେଗା ବନ୍ଦର ପ୍ରକଳ୍ପ

- ■ପରିବେଶ ମଞ୍ଜୁରି ମିଳିପାରିନି
- ■ହାଇକୋର୍ଟଙ୍କ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ନିର୍ଦ୍ଦେଶ
- ■ସିଆରଜେଡ -୨ ପାଇଁ କୋର୍ଟରେ ମାମଲା



ଲଙ୍ଗଳେଶ୍ୱର, ୧୩/୧୧ (ନି.ପ୍ର): ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀ ମୁହାଁଣ ଚୌମୁଖଠାରେ ହେବାକୁ ଥିବା ସୁବର୍ଣ୍ଣ ରେଖା ବନ୍ଦର ମେଗା ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି। ଅଦ୍ୟାବଧି ବନ୍ଦର କର୍ତ୍ତୃପକ୍ଷଙ୍କୁ କେନ୍ଦ୍ର ଗ୍ରୀନ ଟ୍ରିବ୍ୟୁନାଲଠୁ ପରିବେଶ ମଞ୍ଜୁରୀ ମିଳିପାରିନାହିଁ। ଏନେଇ ଜନ ଶୁଣାଣୀକୁ ଏକ ବର୍ଷ ପୂରିବାକୁ ଯାଉଛି। ଏବେ ହାଇ କୋର୍ଟ ଏକ ଜନ ସ୍ୱାର୍ଥ ମାମଲାର ଶୁଣାଣି କରି ଚୌମୁଖ ଡଗରା ବେଳାଭୂମି ର ବିକାଶ ପାଇଁ ରାଜ୍ୟ ସରକାର ଙ୍କୁ ହାଇ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୯୯୮ ମସିହାରେ ଏହି ଦୁଇ ବେଳାଭୂମି କୁ ତତ୍କାଳୀନ ସରକାର ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିଲେ। ଏଠିକାର ନାଲି ଓ ନୀଳ ରକ୍ତ କଙ୍କଡା, ଅଲିଭ ରିଡଲେ କଇଁଛ, ହେନ୍ତାଳ ବଣ, ଅଗଭୀର ସମୁଦ୍ର, ଧାଡି ଧାଡି ଝାଉଁ ବଣ, ସମତଳ ବେଳାଭୂମି ଆଦି ପ୍ରାକୃତିକ ବିଭବ ପାଇଁ ପ୍ରସିଦ୍ଧ। ଏହାର ବିକାଶ ପାଇଁ କୌଣସି ସ୍ଥର ରେ ଉଦ୍ୟମ ହୋଇ ନାହିଁ। ସେହିପରି କେନ୍ଦ୍ର ସରକାର ଏହି ଦୁଇ ବେଳାଭୂମି କୁ ସି ଆର ଜେଡ (କୋଷ୍ଟାଲ ରେଗୁଲେଟିଙ୍ଗ ଜୋନ) -୧ ରେ ଅନ୍ତର୍ଭୁକ୍ତ କରିଥିଲେ। ଏହି ଜୋନ ଏରିଆ ଅଞ୍ଚଳ ରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇ ପାରିବ ନାହିଁ। ତେବେ କେଉଁ ଆଧାରରେ ଏହାକୁ ଏବେ ସି ଆର ଜେଡ -୨କୁ ପରିବର୍ତ୍ତନ କରାଯାଇଛି। ଏହା ବିରୋଧ ରେ ହାଇ କୋର୍ଟ ରେ ଏକ ଜନ ସ୍ୱାର୍ଥ ମାମଲା ଏବେ ବିଚାରଧୀନ ରହିଛି।ଏହି ସବୁ ଦୃଷ୍ଟିରୁ ଏହି ମେଗା ପ୍ରକଳ୍ପ ର ଭବିଷ୍ୟତ ଅନିଶ୍ଚିତତା ଆଡକୁ ଟାଣି ହୋଇ ଯାଇଛି। ୨୦୦୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଏକ ଜନ ସଭାକୁ ସମ୍ବୋଧିତ କରିବା ଅବସରରେ ଚୌମୁଖ ଠାରେ ଘରୋଇ ଉଦ୍ୟୋଗ ରେ ବନ୍ଦର ହେବ ବୋଲି ଘୋଷଣା କରିଥିଲେ। ପରେ ଚିନ୍ନାଇ ର କ୍ରିଏଟିଭ ପୋର୍ଟ ନାମକ ଏକ ସଂସ୍ଥା ଏମ ୟୁ ସରକାର ଙ୍କ ସହିତ କରିଥିଲେ। ଅନ୍ୟ ଏକ ସହଯୋଗୀ ସଂସ୍ଥା ଏଥିରୁ ଓହରି ଯିବାରୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିଲା। ଦୀର୍ଘ ଦିନ ବ୍ୟବଧାନ ପରେ ଟାଟା କମ୍ପାନୀ ଏଥିରେ ଯୋଡିବାରୁ ସୁବର୍ଣ୍ଣ ରେଖା ବନ୍ଦର ପ୍ରକଳ୍ପ କାର୍ଯ୍ୟ କିଛି ମାତ୍ରାରେ ଆଗେଇ ଥିଲା। ରାସ୍ତା ଓ ରେଳ କରି ଡୋର ପାଇଁ କମ୍ପାନୀ ୪୦ ପ୍ରତିଶତ ଜମି ଅଧି ଗ୍ରହଣ କରିଥିଲେ। ଟାଟା ବାଲିଆପାଳ ଓ ବସ୍ତା ଅଞ୍ଚଳ ରେ ଲୋକଙ୍କ ନିକଟ ତର ହେବା ପାଇଁ ବିଭିନ୍ନ ସେବା ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ର ଛାତ୍ରୀ ଙ୍କୁ ମେଧା ବୃତ୍ତି, ଦିନ ଦରିଦ୍ର ଙ୍କୁ ଆର୍ଥିକ ସହାୟତା ଆଦି ଦେଇ ଆସୁଛନ୍ତି। ଏଥିପାଇଁ କମ୍ପାନୀ କାଳିପଦା, ବାଲିଆପାଳ, ବାଲେଶ୍ୱର ସଦର ରେ କାର୍ଯ୍ୟାଳୟ ମାନ ଖୋଲି ଛନ୍ତି । ତେବେ ବର୍ଷେ ହେବ ବନ୍ଦର କାମରେ ଧିମା ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ଏ ବାବଦରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘର ସଭାପତି ଅନୁଜ କୁମାର ମହାପାତ୍ର ଓ ବ୍ଲକ ଉପାଧକ୍ଷ ରାଜେଶ କୁମାର ଚୌଧୁରୀ ହାଇ କୋର୍ଟ ର ଦ୍ୱାରସ୍ଥ ହୋଇ ଥିବା ବେଳେ କମ୍ପାନୀ ଉଚ୍ଚ ଅଧିକାରୀଙ୍କ ଠାରୁ କୌଣସି ଉତ୍ତର ମିଳିପାରିନାହିଁ।

ଶୁକ୍ରବାର, ନଭେମ୍ବର ୧୪, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାରିପଦା ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଶିଶୁଙ୍କ ପିତାମାତା, ପ୍ରଧାନ ଶିକ୍ଷକ ଓ ସିଆରସିସିଙ୍କ ସଚେତନତା ଶିବିର ଅନୁଷ୍ଠିତ

ବାରିପଦା , ୧୩/୧୧ (ନି.ପ୍ର): ବାରିପଦା ବ୍ଲକ ଅଧିନସ୍ଥ କେ.ସି.ପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ମିଶ୍ର ତଥା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତପସ୍ୱିନୀ ଦାଶଙ୍କ ଦ୍ୱାରା ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଶିଶୁଙ୍କ ପିତାମାତା, ଅଭିଭାବକ, ପ୍ରଧାନ ଶିକ୍ଷକ, ପ୍ରିନସିପାଲ ଓ ସି ଆର ସିସି ଙ୍କ ସଚେତନତା ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିରରେ ୫୦ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ । ଏହି ସଚେତନତା ଶିବିର ମାଧ୍ୟମରେ ଦିବ୍ୟାଙ୍ଗ ଶିଶୁ ମାନଙ୍କ ଲାଗି ସରକାରଙ୍କ ତରଫରୁ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ, ଆର୍ଥିକ ସହାୟତା, ସରକାରୀ ନୀତି ନିୟମ, ଶିକ୍ଷା ଦାନ ପଦ୍ଧତିରେ ଆନୁସଙ୍ଗିକ ପରିବର୍ତ୍ତନ ତଥା ଅନୁକୂଳନ ବ୍ୟବସ୍ଥା ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ଏଭଳି ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା ଓ ସେମାନଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଉପକରଣର ଉପଲବ୍ଧତା ଇତ୍ୟାଦି କଥା ଏହି ସଚେତନତା ଶିବିରରେ ବ୍ଲକର ଭିନ୍ନକ୍ଷମ ସାଧନ କର୍ମୀ ରେଖାରାଣୀ ଦାସ, ଦିଲ୍ଲିପ କୁମାର ଦାସ ଏବଂ ରାଜବସା ସିଆରସିସି ସୁଶୀଲ କୁମାର ପଣ୍ଡା ଆଲୋକପାତ କରିଥିଲେ। ଏଥିରେ ଜାମଦାପାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀ ଗାୟତ୍ରୀ ବିନ୍ଧାଣି (ମସ୍ତିଷ୍କ ପକ୍ଷାଘାତ)ଙ୍କୁ ଶିକ୍ଷାରେ ସୁବିଧା ଲାଗି ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଏକ ଟ୍ୟାବ୍ଲେଟ ପ୍ରଦାନ କରାଯାଇଥିଲା। ଏହି ଶିବିର ତା ୧୪. ୧୧. ୨୫ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହେବାର ସ୍ଥିର ହୋଇଛି ବୋଲି ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ପ୍ରକାଶ କରିଛନ୍ତି।

# ଇଫଂକୋ ପକ୍ଷରୁ ଗଣପତି ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

## ପିଲାମାନଙ୍କର ଆଦ୍ୟ ଗୁରୁ ହେଉଛନ୍ତି ମାଆ

ପାରାଦୀପ, ୧୩/୧୧ (ନି.ପ୍ର): ପାରାଦୀପ ବାଲିଝରାସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ଦିନ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱର ସର୍ବବୃହ ସମବାୟଭିକ ସାର ଉତ୍ପାଦନକାରୀ ସଂସ୍ଥା ଇଫଂକୋ ପାରାଦୀପ ୟୁନିଟ୍ ପକ୍ଷରୁ ଏହି ମାତୃ ସମ୍ମିଳନୀର ସଫଳ ଆୟୋଜନ କରାଯାଇଥିଲା। ବିଦ୍ୟାମନ୍ଦିରରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ମାଆମାନେ ଏହି ମାତୃ ସମ୍ମିଳନୀରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ କିପରି ମାଆମାନଙ୍କୁ ପୂଜା କରିବା କଥା ତାହା ସମୂହ ଭାବେ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ଅଧକ୍ଷା ଗୀତାଂଜଳୀ ତରାଇ । ମୁଖ୍ୟଅତିଥି ଭାବେ ଇଫଂକୋ ଲେଡିଜ୍ କ୍ଲବ୍‌ର ବରିଷ୍ଠ ସଦସ୍ୟା ଆରତୀ ପରିଡା । ସମ୍ମାନୀତ ଅତିଥି ଭାବେ ନଗରପାଳ ବସନ୍ତ ବିଶ୍ୱାଳ, ଇଫଂକୋର ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା, ସ୍ଥାନୀୟ ପାରିଷଦ ସ୍ୱପ୍ନାରାଣୀ ଜେନା, ଶରତ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସନ୍ତାନସନ୍ତତିମାନଙ୍କର ଆଦ୍ୟଗୁରୁ ହେଉଛନ୍ତି ମାଆ । ପ୍ରଥମେ ମାଆ ହିଁ ତାର ପିଲାମାନଙ୍କୁ ପାଠ ପଢାଇ ଭଲ ମଣିଷ ହେବା ସହିତ ଭଲ ସଂସ୍କାର ଦେଇଥାଏ ବୋଲି ମୁଖ୍ୟଅତିଥ ଶ୍ରୀମତୀ ପରିଡା କହିଥିଲେ । ଶେଷରେ ଶିକ୍ଷୟତ୍ରୀ କଲ୍ୟାଣୀ ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।

# ସାରକୋଣା ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଖଇରା, ୧୩/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ କରକମଳରେ ଅନୁଷ୍ଠିତ ହୋଇ ଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜାତୀୟ ସ୍ୱାସ୍ଥ୍ୟମିଶନ ର କନିଷ୍ଠ ଯନ୍ତ୍ରୀ ରୁବି ଖାତୁନ,ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ଭାରତୀୟ ମଜଦୁର ସଙ୍ଘର ସଙ୍ଗଠନ ସମ୍ପାଦିକା କୁମମଣୀ ଦେଇ, ଦୋଳଗୋବିନ୍ଦ ମହାରଥା, ମାୟାଧର କୁଅଁର, ରାଜେଶ ରାଉତ, ଶିତିକଣ୍ଠ ପଣ୍ଡା, ପତିତପାବନ କର, ମନୋଜ କୁମାର ସ୍ୱାଇଁ, ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ତେବେ ଗୃହ ନିର୍ମାଣ ସ୍ଥାନଟି ଖାଲୁଆ ହୋଇଥିବାରୁ ଘର ଉଚ୍ଚାସ୍ଥାନରେ କରିବାକୁ ବିଧାୟକ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

# ଶିକ୍ଷୟତ୍ରୀ ବଦଳି ପ୍ରତିବାଦରେ ବିଦ୍ୟାଳୟରେ ତାଲା

ଖଇରା, ୧୨/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ କଣ୍ଟାପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ବିଜ୍ଞାନ ଶିକ୍ଷୟତ୍ରୀ ଅନୁପମା ସାହୁଙ୍କର ଅନ୍ୟତ୍ର ବଦଳୀ କରିବା ପ୍ରତିବାଦରେ ଗୁରୁବାର ସକାଳେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ଗେଟରେ ତାଲାଦେଇ ଧାରଣାରେ ବସି ରହିଥିଲେ । ପରେ ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟର ମୁଖ୍ୟ କିରାଣୀ କମଳାକାନ୍ତ ଶିଅଳ ଘଟଣାସ୍ଥଳରେ



ପହଞ୍ଚି ବଦଳି ବାତିଲ ପାଇଁ ପ୍ରତିଶୃତି ଦେବା ପରେ ବିଦ୍ୟାଳୟ ସ୍ୱାଭାବିକ ଚାଲିଥିଲା । ବିଦ୍ୟାଳୟ ର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାମାନଙ୍କର ବିଜ୍ଞାନ ପଢାଇବାକୁ ଜଣେମାତ୍ର ଶିକ୍ଷୟତ୍ରୀ ଥିବା ବେଳେ ଏବେ ଉକ୍ତ ଶିକ୍ଷୟତ୍ରୀ ଙ୍କର ବଦଳୀ ଘୁଷୁରିଗଡିଆକୁ କରାଯିବା ପରେ ଅସନ୍ତୁଷ୍ଟ ଅଭିଭାବକ ମାନେ ଧାରଣାରେ ବସିଥିଲେ ।

# ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବାଲିଆପାଳ , ୧୩/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଦେଭୋଗ ସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅଧକ୍ଷ ଗୌରାଙ୍ଗ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆସନ୍ତା ବର୍ଷ ଫେବୃଆରୀ ମାସରେ ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପୂର୍ବତନ ଛାତ୍ର ଛାତ୍ରୀ, ଅଭିଭାବକ, ଅବସର ପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ




ଶିକ୍ଷକ କର୍ମଚାରୀ, ପୂର୍ବତନ ପରିଚାଳନା ସମିତି, ଶିକ୍ଷାବିତ ଓ ଅନୁଷ୍ଠାନ ପ୍ରେମୀ, ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସମସ୍ତ ଉଦ୍ୟକ୍ତା ତଥା ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ସମାପନ ହେବାର ସିଦ୍ଧାନ୍ତ ନିଆଗଲା । ଖୁବ ଶୀଘ୍ର ସମସ୍ତଙ୍କ ପରାମର୍ଶ ପାଇଁ ମିଳିତ ବୈଠକ କରାଯାଇ ତାରିଖ ଧାର୍ଯ୍ୟ କରିଯିବାର ମତ ଅଧ୍ୟାପକ ସମୂହ ଦେଇଥିଲେ । ବରିଷ୍ଠ ଅଧ୍ୟାପିକା ଶାନ୍ତିଲତା ଗିରି, ବରିଷ୍ଠ ଅଧ୍ୟାପକ ସଚିନ୍ଦ୍ର ନାଥ ଦତ୍ତ,ବିକାଶ ଚନ୍ଦ୍ର ଜେନା, ଗଣେଶ ଚନ୍ଦ୍ର ସି, ବେଣୁଧର ନାୟକ, ସତ୍ୟନାରାୟଣ ସାହୁ, ମନୋଜ କୁମାର ମହାପାତ୍ର, କାମିନୀକାନ୍ତ ମହାନ୍ତି,ସଞ୍ଜୟ କୁମାର ଡାକୁଆ, ସୁଦର୍ଶନ ରଣା,ଶୁଭ୍ରାଞ୍ଜଳି ରାଉତ, ରଂଜିତ କୁମାର ସାହୁ, ବିଜୟ କୁମାର ନାୟକ, ମେଘମାଳା ପଢ଼ିଆରୀ, ଦୁର୍ଗାଶଙ୍କର ନାୟକ ପ୍ରମୁଖ ଯୋଗଦେଇ ନିଜର ମତାମତ ରଖିଥିଲେ । ଅଧକ୍ଷ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ସହଯୋଗ କାମନା କରିବା ପରେ ପରିଶେଷରେ ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୧୩/୧୧ (ନି.ପ୍ର): ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ହେଉଛି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ୍ ଅଧୀନରେ ଚାଲିଥିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଜନ୍ମରୁ ୧୮ ବର୍ଷ ବୟସ୍କ ପର୍ଯ୍ୟନ୍ତ ଶିଶୁମାନଙ୍କ ସ୍କ୍ରିନିଂ ଓ ପ୍ରାରମ୍ଭିକ ହସ୍ତକ୍ଷେପ ପାଇଁ ଉଦ୍ଦିଷ୍ଟ। ଜନ୍ମଜ ଦୋଷ, ଅଭାବ, ରୋଗ ଓ ବିକାଶ ଜଟିଳତା ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ସହାୟତା ଓ ଅନ୍ୟ ସୁବିଧା ମାଗଣାରେ ଯୋଗାଇ ଦେବା ପାଇଁ ଏହି କାର୍ଯ୍ୟକ୍ରମ ଲକ୍ଷ ରଖିଛି। ଆଜି ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନିମନ୍ତେ ବୈଠକ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଥିଲା। ଉକ୍ତ ବୈଠକ ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ଏହି ବୈଠକରେ ଆଙ୍ଗନଓ୍ୱାଡ଼ି କେନ୍ଦ୍ରରେ ଥିବା ଶିଶୁମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସଂପର୍କୀୟ ସ୍କ୍ରିନିଂ ଅଭିଯାନର ପ୍ରଗତି, ଚିହ୍ନିତ ଶିଶୁମାନଙ୍କ ପାଇଁ ଆବଶ୍ୟକ ଚିକିତ୍ସା ସହାୟତା ଓ ରିଫେରେଲ୍ ପ୍ରକ୍ରିୟା, ତଥା ଶିଶୁମାନଙ୍କ ସମଗ୍ର ବିକାଶ ସହିତ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ମ୍ଲାନ କାର୍ଯ୍ୟକ୍ରମ ଅଧୀନରେ ଥିବା ରେସିଡେନ୍ସିଆଲ୍ ସ୍କୁଲ୍‌ଗୁଡ଼ିକର ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଅଙ୍ଗନୱାଡ଼ି କେନ୍ଦ୍ର, ବିଶେଷ ରେସିଡେନ୍ସିଆଲ୍ ସ୍କୁଲ୍ ଓ ଅନ୍ୟାନ୍ୟ ଶିଶୁ ଗୃହଗୁଡ଼ିକୁ ରେ ଯାଇ ନିୟମିତ ଭାବରେ ନିରୀକ୍ଷଣ କରିବେ ଓ ଶିଶୁମାନଙ୍କ ରୋଗର ଚିହ୍ନଟ ଓ ତାହାର ସମୟୋପଯୁକ୍ତ ଚିକିତ୍ସା ଓ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଅବକାରୀ ଚଢାଉ: ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ, ୧୪ ଅଭିଯୁକ୍ତ କୋର୍ଟ ଚାଲାଣ

ନୀଳଗିରି, ୧୩/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶରେ ନୀଳଗିରି ଅବକାରୀ ବିଭାଗର ଇନ୍ସପେକ୍ଟର କେଶବଚନ୍ଦ୍ର ଦାସ, ଏବଂ ଜିଲ୍ଲା ମୋବାଇଲ ୟୁନିଟ ଇନ୍ସପେକ୍ଟର ହରିହର ସିଂଙ୍କ ତତ୍ତ୍ୱାବଧାନରେ ମିଳିତ ଚଢ଼ାଉ କରାଯାଇ ବିପୁଳପରିମାଣର ଦେଶୀବିଦେଶୀ ମଦଜବତ ସହିତ ୧୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଆଜି ଅପରାହ୍ନରେ ନୀଳଗିରି ଅବକାରୀଥାନା ଅଧିନ କେନ୍ଦୁଖୁଣ୍ଟା,ମିତ୍ରପୁର, ଏବଂ ନୀଳଗିରି ଏନଏସି ୮ ନମ୍ବର ୱାଡ଼ ଚିମିନିଭାଟି, ଏବଂ ଗୁଡିଖାଣିଆ ଗ୍ରାମରୁ ୧୪ଜଣ ଚୋରାମଦ




ବେପାରୀଙ୍କ ଠାରୁ ୨୦୨ ଲିଟର ଦେଶୀ, ୨୭.୩ ଲିଟର ବିଅର, ୩.୬ ଲିଟର ବିଦେଶୀମଦ ଜବତ କରିବାସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫକରି ପୃଥକପୃଥକ ମାମଲା ରୁଜୁ କରାଯିବାପରେ ବେଲ ନାମାଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓଆଇସି ମନୋଜ କୁମାର ସାହୁ, ଜିଲ୍ଲା ମୋବାଇଲ ୟୁନିଟ ଏଏସଆଇ ଲମ୍ବୋଦର ମହନ୍ତ ଏବଂଅନ୍ୟ ଅବକାରୀ କର୍ମଚାରୀ ସାମିଲ ଥିଲେ।

# ବନ୍ଦେ ମାତରମ ରଚନାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏନ.ସି.ସି କ୍ୟାଡେଟ୍‌ଙ୍କ ଦ୍ୱାରା ତ୍ରିରଙ୍ଗା ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଭଦ୍ରକ, ୧୩/୧୧ (ନି.ପ୍ର): ଭଦ୍ରକ ଏନ.ସି.ସି (ସ୍ଥଳ ଓ ନୌସେନା ବିଭାଗ) ତରଫରୁ ଆଜି ବନ୍ଦେ ମାତରମ ରଚନାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ତ୍ରିରଙ୍ଗା ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲ୍ଲା ମହକୁମାରେ ଆୟୋଜନ କରାଯାଇଥିଲା । ସକାଳ ୧୦.୩୦ ମିନିଟ ସମୟରେ ଜିଲ୍ଲା ସ୍କୁଲ, ଭଦ୍ରକ ରେ ଜିଲ୍ଲାପାଳ ଶ୍ରୀ ଦିଲିପ ରାଉତରାଏ ମହାତ୍ମା ଗାନ୍ଧି ଓ ସୁବାଷ ଚନ୍ଦ୍ର ବୋଷ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆଜିର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏଥିରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, କମାଣ୍ଡିଙ୍ଗ ଅଫିସର ଓ କମାଣ୍ଡର



ସୁଦିପ କୁମାର ସାହୁ ଙ୍କ ସହିତ ଶତାଧିକ ଏନ.ସି.ସି କ୍ୟାଡେଟ୍ ଭାଗ ନେଇଥିଲେ । ଅପରାହ୍ନ ୪.୩୦ ମିନିଟରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରୁ ଏକ ହଜାର ରୁ ଉର୍ଦ୍ଧ ବିଭିନ୍ନ ଜିଲ୍ଲାରୁ ଆସିଥିବା ଏନ.ସି.ସି କ୍ୟାଡେଟ୍ ଙ୍କୁ ତ୍ରିରଙ୍ଗା ରାଲି ପାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀମାନେ ହାତରେ ଏକ ବିଶାଳ ତ୍ରିରଙ୍ଗା ଧରି ଭାରତ ମାତା କି ଜୟ ଓ ବନ୍ଦେ ମାତରମ ସ୍ଲୋଗାନ ଦେଇ ଜିଲ୍ଲା ସ୍କୁଲ ଅଭିମୁଖେ ଯାତ୍ରା କରିଥିଲେ । ଜନସାଧାରଣଙ୍କ ଉପସ୍ଥିତିରେ ସେହି ସ୍ଥାନଟିରେ ଏକ ଜାତୀୟତାବୋଧ ପରିବେଶ ସୃଷ୍ଟି ହୋଇଥିଲା । ଜିଲ୍ଲା ସ୍କୁଲ ରୁ ରାଲି ଟି ପୁଣି ପ୍ରତ୍ୟାବର୍ତ୍ତନ କରି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ ଓ ସେଠାରେ ଏନ.ସି.ସି କ୍ୟାଡେଟ୍ ଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମନ୍ତ୍ରୀ ଉପସ୍ଥିତହୋଇ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଏନ.ସି.ସି କ୍ୟାଡେଟ୍ ପିଲାଙ୍କୁ ଉପଢୌକନ ପ୍ରଦାନ କରିବା ସହିତ ଜାତୀୟ ଏକତା ବିଷୟରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ବିର୍ଶା ମୁଣ୍ଡା, ସୁବାଷ ଚନ୍ଦ୍ର ବୋଷ ଓ ଅନେକ ମହାନ ବ୍ୟକ୍ତିତ୍ୱଙ୍କ ରାଷ୍ଟ୍ରଭକ୍ତି କିପରିଭାବରେ ଦେଶର ଶକ୍ତି ଓ ଅଗ୍ରଗତିରେ ମୂଳ ଆଧାର ହୋଇଛି ତାହା ପ୍ରକାଶ କରିଥିଲେ ଓ ଆମେ ସମସ୍ତେ ଏକ ଭାବନାରେ ଏକତା ବଦ୍ଧ ହୋଇ ଆମ ଦେଶର ସମୃଦ୍ଧି, ସୁଖ ଓ ଶାନ୍ତି ପାଇଁ ପ୍ରୟାସ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ ବୋଲଗଡ଼ ଥାନା ସ୍ଥିତ ପରମାନନ୍ଦ କଲେଜରେ ଆୟୋଜିତ

ଖୋର୍ଦ୍ଧା, ୧୩/୧୧ (ନି.ପ୍ର): ଖୋର୍ଦ୍ଧା ପୁଲିସ ଦ୍ୱାରା ସାଇବର ସୁରକ୍ଷା ସଚେତନତା ଅଭିଯାନ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ଥାନା ଅନ୍ତର୍ଗତ ପରମାନନ୍ଦ କଲେଜ ରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା କଲେଜ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ମାନଙ୍କ ମଧ୍ୟରେ ପଥପ୍ରାନ୍ତ ନାଟକ ତଥା ଅଭିନୟ




ଏବଂ ରାଲି ମାଧ୍ୟମରେ ଅନଲାଇନ୍ ସୁରକ୍ଷା, ସାଇବର ଅପରାଧ ପ୍ରତିରୋଧ ଓ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ବ୍ୟବହାର ସମ୍ପର୍କିତ ସଚେତନତା ବୃଦ୍ଧି କରିବା। ଛାତ୍ରଛାତ୍ରୀମାନେ ରାଲି ଏବଂ 'ଅନ-ଦ-ସ୍ପଟ୍ କୁଇଜ୍' ରେ ଅଂଶଗ୍ରହଣ କରିଥିଲେ ଓ ବିଜେତାମାନଙ୍କୁ ଆକର୍ଷଣୀୟ ପୁରସ୍କାର ଓ ସାର୍ଟିଫିକେଟ୍ ସହ ସମ୍ମାନିତ କରାଯାଇଥିଲା।

# ଉଦଳାରେ ସାଇବର ସୁରକ୍ଷା ଅଭିଯାନ

ଉଦଳା, ୧୩/୧୧ (ନି.ପ୍ର): ଉଦଳା ପୋଲିସ ବିଭାଗ ତରଫରୁ ଆଜି ନଭେମ୍ବର ୧୩ ତାରିଖ ଗୁରୁବାର ଦିନ ସାଇବର ସୁରକ୍ଷା ଅଭିଯାନ-୨୦୨୫ ପାଳନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଉଦଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଅବସରରେ ଶୋଭାଯାତ୍ରା, ସାଧାରଣ ସଭା, ସଂଗୀତ ଓ ନାଟକ ପରିବେଷଣ ପ୍ରଭୃତି ଅନୁଷ୍ଠିତ ହୋଇ ଯାଇଛି । ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ସାଧାରଣ ସଭାରେ ଅଧକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି




ବୋଲି ବ୍ୟକ୍ତ କରିଥିଲେ । କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଏଥିରେ ଜଣେ ଅତିଥି ଭାବରେ ଯୋଗ ଦେଇ ସାଇବର ଠକ ମାନଙ୍କ ଦ୍ୱାରା ନିଜେ କିପରି ଫସିଥିଲେ ଏବଂ ଉପସ୍ଥିତ ବୁଦ୍ଧି ଯୋଗୁଁ କିପରି ମୁକୁଳିଯାଇଥିଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ପରେ ସେ ସମୟରେ ଉଦଳାରେ କାର୍ଯ୍ୟରତ ଉପଖଣ୍ଡ ପୋଲିସ ଅଧିକାରୀ ଉପଜିଲ୍ଲାପାଳଙ୍କ ପାଖକୁ ଆସିଥିବା ଫୋନ କଲଟି ପାକିସ୍ଥାନରୁ ଆସିଥିଲା ବୋଲି ସୂଚନା ପ୍ରଦାନ କରିଥିବାର କଥା ଜଣାଇଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କଲେଜର ପାଠପଢୁଥିବା ଝିଅ ମାନେ ମୋବାଇଲ ଫୋନ ଦ୍ୱାରା କିପରି ଠକାମିର ଶିକାର ହେଉଛନ୍ତି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ମହାବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ ପଟେଲ, ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବ୍ଲକ ଅଧକ୍ଷା ମଂଜୁଲତା ବିଶ୍ୱାଳ, ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ, ଶୁଶାନ୍ତ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ ମିଶ୍ର, ଆଇନଜୀବି ପଦ୍ମ ଲୋଚନ ଦାଶ ଓ ରଜତ ମହାପାତ୍ର, ଉଦଳା ବସମାଲିକ ସଂଘର ସଭାପତି ରମେଶ ବେହେରା, ସହକାରୀ ଆରକ୍ଷୀ ଅଧିକ୍ଷକ ସବିତା ମାଝୀଙ୍କ ସମେତ ପୋଲିସ ବିଭାଗର ବହୁ ଅଧିକାରୀ ଯୋଗଦେଇ ସାଇବର ଅପରାଧ କଣ ଓ ଏଥିରୁ ମୁକୁଳିବା ପାଇଁ ଆମକୁ କି ପ୍ରକାର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ଅବଗତ କରାଇଥିଲେ । ଏଥିପାଇଁ ଥିବା ହେଲ୍ପଲାଇନ ନଂ-୧୯୩୦କୁ ଫୋନ କରି ଜଣାଇବା ପାଇଁ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ସୌମେନ୍ଦ୍ର ଦାଶ ଓ ସାମ୍ବାଦିକ ସନ୍ତୋଷ ବାଛିନି ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଡ଼ିହିରାକୁଳର କଳାକାର ମାନେ ସଂଗୀତ ଓ ନାଟକ ପରିବେଷଣ କରିଥିଲେ । କୁଣ୍ଡାବାଇସ୍ଥିତ ରୋହିଦାସ ସୋରେନ ମହାବିଦ୍ୟାଳୟ, ଦିବ୍ୟସିଂହପୁରସ୍ଥିତ ସାଇସାଧନା ଘରୋଇ ମହାବିଦ୍ୟଳୟ, ରାଢ଼ୋସ୍ଥିତ ଲୁଇପା ମହାବିଦ୍ୟାଳୟ ଓ ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ୧୦ ଲକ୍ଷ ଟଙ୍କା ଲାଂଚ ନେବାବେଳେ ଏମସିଡିର କନିଷ୍ଠ ଯନ୍ତ୍ରୀଙ୍କୁ ଧରିଲା ସିବିଆଇ

ନୂଆଦିଲ୍ଲୀ,୧୩/୧୧ : କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦିଲ୍ଲୀ ନଗର ନିଗମ (ଏମସିଡି)ର ନଜଫଗଡ଼ ଜୋନରେ ନିଯୁକ୍ତ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ୧୦ ଲକ୍ଷ ଲାଂଚ ନେବା ସମୟରେ ଗିରଫ କରିଛି। ସିବିଆଇ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ମାମଲା ନଭେମ୍ବର ୧୧ ତାରିଖରେ ରୁଜୁ ହୋଇଥିଲା, ଯେଉଁଥିରେ ନଜଫଗଡ଼ ଜୋନ୍ ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଏକ ଏଫଆଇଆର ଦାୟର୍ ହୋଇଥିଲା। ଅଭିଯୋଗ ହୋଇଛି ଯେ, ଏହି ଇଞ୍ଜିନିୟରମାନେ ପ୍ରାୟ ୩ କୋଟି ଟଙ୍କାର ବକେୟା ବିଲ୍ ପରିଶୋଧ କରିବା ପାଇଁ ଅଭିଯୋଗକାରୀଙ୍କ ଠାରୁ ୨୫ ଲକ୍ଷ ୪୨ ହଜାର ଟଙ୍କା ଲାଂଚ ଦାବି କରିଥିଲେ। ନଭେମ୍ବର ୧୧ ତାରିଖରେ, ସିବିଆଇ ଏକ ଜାଲ ବିଛାଇ ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗକାରୀଙ୍କ ଠାରୁ ୧୦ ଲକ୍ଷ ଟଙ୍କା ତଥା ଲାଂଚର ପ୍ରଥମ କିସ୍ତି ଗ୍ରହଣ କରିବା ସମୟରେ ଧରିଥିଲା। ଅଭିଯୁକ୍ତଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ପରବର୍ତୀ ସମୟରେ ଏଜେନ୍ସି ଅଭିଯୁକ୍ତଙ୍କ ବିଭିନ୍ନ ଠିକଣାରେ ତଲାସୀ କରିଥିଲା, ଯେଉଁଥିରେ ବିପୁଳ ପରିମାଣର ନଗଦ, ଅଳଙ୍କାର ଏବଂ ସମ୍ପତି ସମ୍ବନ୍ଧୀୟ କାଗଜପତ୍ର ଜବତ କରିଥିଲା। ମାମଲାରେ ନାମିତ ଯନ୍ତ୍ରୀମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆରସି ଶର୍ମା, ସହକାରୀ ଯନ୍ତ୍ରୀ ନବୀନ କାଉଲ ଏବଂ କନିଷ୍ଠ ଯନ୍ତ୍ରୀ ଅଜୟ ବବରୱାଲ ସାମିଲ୍ ଅଛନ୍ତି। ଅଜୟ ବବରୱାଲଙ୍କୁ ଗିରଫ କରାଯାଇଛି। ମାମଲାର ତଦନ୍ତ ଚାଲିଥିବା କହିଛି ସିବିଆଇ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida